Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 337
Sunday, 15 February 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୧୫ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ:୨ ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

୧୦୦ କୋଟିର ଟେକ୍ସଟାଇଲ୍ ପାର୍କ ପାଇଁ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର।କେନ୍ଦୁଝର, ୧୪/୨ (ଆ.ପ୍ର) : କେନ୍ଦୁଝର ଜିଲ୍ଲାର ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ କ୍ଷିତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡ଼ି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଂଟରର ଶିଳାନ୍ୟାସ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି । କେନ୍ଦୁଝର କେବଳ ଖଣି ଏବଂ ଲଖାଟ ପାଇଁ ଜଣାଯିବ ନାହିଁ । ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ । ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି । ସୂଚନା ଥାଉ ଯେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ । ଆଧୁନିକ କ୍ଷିତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ । ବୟନ ଶିଳ୍ପର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋଳପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, "ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ । ବିଶେଷକରି ବୟନ କ୍ଷେତ୍ର ମହିଳା ଏବଂ ଯୁବକମାନଙ୍କ ପାଇଁ ବଡ଼ ଧରଣର ନିଯୁକ୍ତି ସୁଯୋଗ ପ୍ରଦାନ କରେ ।" ସେ ଆହୁରି କହିଥିଲେ ଯେ ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ୍ କନକ୍ଲେଭ୍ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ରାଜ୍ୟ ସାରା ୫୩,୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି । ଇଚ୍ଛୁରରେ ଏକ ଟେକ୍ସିଲ୍ ଟେକ୍ସଟାଇଲ୍ ପାର୍କ ସହିତ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, ଜଟନି ଏବଂ ଜଗତସିଂହପୁର ଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଇଛି ।ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜବୁତ କରୁଛନ୍ତି । ଏବେ, ଓଡ଼ିଶାରେ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରାଯିବ ଯାହା ଦ୍ୱାରା ଲୋକମାନେ ନିଜ ଘର ପାଖରେ କାମ କରିପାରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା OCAC ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଂଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି । ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଂଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜଡିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ । ଏହି ସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷିତିଭୂମି ପ୍ରକଳ୍ପ ଭାବରେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏହା ତଥ୍ୟର ଯୁଗ । ଆମର ସରକାର ଅନଲାଇନରେ ୪୦୦ ଗ୍ରୁ ଅଧିକ ସେବା ପ୍ରଦାନ କରେ । ନାଗରିକଙ୍କ ତଥ୍ୟ ସର୍ବଦା ସୁରକ୍ଷିତ, ସୁଗମ ଏବଂ ଆମ ନିୟନ୍ତ୍ରଣରେ ରହିବା ଉଚିତ । କେନ୍ଦ୍ର ତଥା ସ୍ଥାନୀୟକରଣ ପ୍ରୟାସକୁ ସମର୍ଥନ କରିବ ଏବଂ ରାଜ୍ୟର ଡିଜିଟାଲ୍ ଶାସନ ଢାଂଚାକୁ ସ୍ଥିରତାକୁ ବୃଦ୍ଧି କରିବ । କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ (ଜୋନ୍ ୩) ଭୋଗୁଥିବା ଯୋଗୁଁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି । ଏହାଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ କ୍ଷିତିଭୂମି ନିର୍ମାଣ କ୍ଷେତ୍ରରେ କେନ୍ଦୁଝର ଜରିଆରେ ବୋଲି ଅଗ୍ରାଧିକାର ଲାଭ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବର୍ତ୍ତମାନ ଆଂଚଳିକ ସନ୍ତୁଳନ ଉପରେ ସରକାରଙ୍କ ଧ୍ୟାନକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଜିଲ୍ଲାରେ ମଜିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି ଏବଂ ମଜର ପର୍ଦ୍ଦା ସମୟରେ ୧,୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା ।ଏକ ସମ୍ବନ୍ଧ ଓଡ଼ିଶା ଏବଂ ଜିଲ୍ଲାଗୁଡ଼ିକର ସମୃଦ୍ଧି ମାଧ୍ୟମରେ ଗଢ଼ି ଉଠିବ । ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ୍ ଶକ୍ତି ଏକ ବିକଶିତ ଭାରତ ଆଡକୁ ଆମର ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ବିଧାୟକ ଅଞ୍ଜଳି ନାୟକ, ଡଃ ଫକୀର ମୋହନ ନାୟକ ଜିଲ୍ଲାପାଳ ବିଶାଳ ସିଂହ, ଓକାଳ ବିଭାଗ ପ୍ରମୁଖ କୁମାର ରାଉତ, ହିନ୍ଦୁଲଙ୍କୋ ସଭାପତି ଅର୍ଚ୍ଚନୁ ମହାପାତ୍ର, ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ ନାଗରିକ ଯୋଗ ଦେଇଥିଲେ ।

ଉତ୍ତର-ପୂର୍ବ ଭାରତକୁ କଂଗ୍ରେସ ଦଳ ସର୍ବଦା ଅଣଦେଖା କରିଆସିଛି: ପ୍ରଧାନମନ୍ତ୍ରୀ ମୋଦୀ

ଗୁୱାହାଟୀ, ୧୪/୨(ନ୍ୟୁ.ଏ): ଆସାମ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ବିମାନବନ୍ଦରରେ ଭବ୍ୟ ସ୍ୱାଗତ ପରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ଅବସରରେ ସେ ବିରୋଧୀ ଦଳକୁ ଟାର୍ଗେଟ୍ କରିବାକୁ ଭୁଲିନାହାନ୍ତି ମୋଦୀ । ଗୁୱାହାଟୀରେ ଆୟୋଜିତ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଉତ୍ତର-ପୂର୍ବ ଆମର ଅଷ୍ଟଲକ୍ଷ୍ମୀ । ଏହି ବର୍ଷର ବଜେଟ୍ ଅଷ୍ଟଲକ୍ଷ୍ମୀ ପାଇଁ ବିଜେପି-ଏନଡିଏ ଦୃଷ୍ଟିକୋଣକୁ ଆହୁରି ମଜବୁତ କରିବ । ବଜେଟ୍ ପରେ ଏହା ଆସାମ ଏବଂ ଉତ୍ତର-ପୂର୍ବକୁ ମୋର ପ୍ରଥମ ଗସ୍ତ । ଆମେ ଉତ୍ତର-ପୂର୍ବକୁ ନିଷ୍ଠାର ସହିତ ସେବା ଯୋଗାଇଛୁ, ଯାହାକୁ କଂଗ୍ରେସ ଦଳ ସର୍ବଦା ଅଣଦେଖା କରିଆସିଛି । କଂଗ୍ରେସ ଶାସନ ବାଦାରେ ଥିବାରୁ ଆହୁରି ବିଷାକ୍ତ ହୋଇଯାଇଛି । ଆସାମକୁ ଏହା ସତର୍କ ରହିବାକୁ ପଡିବ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବଜେଟ୍ ଉତ୍ତର-ପୂର୍ବକୁ ଆର୍ଥିକ ଭାବରେ ଆତ୍ମନିର୍ଭରଶୀଳ କରିବା ଉପରେ ବିଶେଷ ଧ୍ୟାନ ଦେଇଛି । ଏଥର ଆସାମ ପ୍ରାୟ ୫୦ହଜାର କୋଟି ଟଙ୍କା ଟିକସ ରାଜସ୍ୱ ପାଇବ । ଆପଣମାନେ ଭଲ ଭାବରେ ମନେ ରଖିଥିବେ ଯେ କଂଗ୍ରେସ ଶାସନ ସମୟରେ ଆସାମ କିପରି ଭୋକରେ ପଡିଥିଲା । କଂଗ୍ରେସ ଶାସନ ସମୟରେ ଆସାମକୁ କେବଳ ୧୦ହଜାର କୋଟି ଟଙ୍କା ଟିକସ ମିଳିଥିଲା । ବର୍ତ୍ତମାନ, ବିଜେପି ସରକାର ଅଧୀନରେ ଆସାମ, କଂଗ୍ରେସ ସରକାରଙ୍କ ତୁଳନାରେ ପାଂଚ ଗୁଣ ଅଧିକ ଟଙ୍କା ପାଇଛି । ପୁଲୱାମା ଆକ୍ରମଣ କଥା ଉଠାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜିର ଦିନରେ ପୁଲୱାମା ଆକ୍ରମଣ ହୋଇଥିଲା । ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଭାରତ ମାତାର ସାହସୀ ପୁଅମାନଙ୍କୁ ମୁଁ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ଏହି ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆତଙ୍କବାଦୀମାନଙ୍କୁ କିପରି ଦଣ୍ଡ ଦେଇପାରେ ତାହା ସମଗ୍ର ବିଶ୍ୱ ଦେଖିଛି । ଆପଣମାନେ ଅପରେସନ ସିନ୍ଦୁରରେ ମଧ୍ୟ ଭାରତର ଶକ୍ତି ଦେଖିଛନ୍ତି । ମୁଁ ଆପଣଙ୍କଠାରୁ ଜାଣିବାକୁ ଚାହୁଁଛି ଯେ କଂଗ୍ରେସ କେବେ ଜାତୀୟ ସ୍ୱାର୍ଥରେ ନିଷ୍ଠାରେ ସେବାର ସାହସ କରିଥିଲା କି ? କଂଗ୍ରେସ ନେତାମାନେ ଖାଲି ବୟାନ ଦେବା ଜାଣିଛନ୍ତି । କଂଗ୍ରେସକୁ ନେଇ ଆହୁରି ଆକ୍ରମଣାତ୍ମକ ଭଙ୍ଗରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଯେଉଁ କଂଗ୍ରେସ ଭାରତକୁ ଏକ ରାଷ୍ଟ୍ର ଭାବରେ ଗ୍ରହଣ କରିବାକୁ ମଧ୍ୟ ମନା କରେ, ଯେଉଁ କଂଗ୍ରେସ ଭାରତ ମାତା କ''ଣ ବୋଲି ପ୍ରଶ୍ନ କରେ, ଯେଉଁ କଂଗ୍ରେସ ଭାରତ ମାତାର ନାମକୁ ମଧ୍ୟ ଏଡାଏ, ଯେଉଁ କଂଗ୍ରେସ ଭାରତ ମାତାଙ୍କ ପ୍ରତି ସାମାନ୍ୟତମ ସମ୍ମାନ ଦେଖାଏ ନାହିଁ, ସେହି କଂଗ୍ରେସ କେବେବି ଭାରତ ପାଇଁ କୌଣସି ଭଲ କରିପାରିବ ନାହିଁ । ଆଜିର କଂଗ୍ରେସ ଆତଙ୍କବାଦୀମାନ୍ତ ସମର୍ଥନ କରେ । ଯେଉଁମାନେ ଦେଶକୁ ଖଣ୍ଡ ଖଣ୍ଡ କରିବାର ସ୍ୱପ୍ନ ଦେଖନ୍ତି, ଯେଉଁମାନେ ଉତ୍ତର-ପୂର୍ବକୁ ଭାରତରୁ ଅଲଗା କରିବା ପାଇଁ ସ୍ଲୋଗାନ ଦିଅନ୍ତି, ସେମାନେ କଂଗ୍ରେସ ଦ୍ୱାରା ସମ୍ମାନିତ ହୋଇଛନ୍ତି । ଆପଣମାନଙ୍କୁ କଂଗ୍ରେସ ଦଳ ପ୍ରତି ସତର୍କ ରହିବାକୁ ପଡ଼ିବ ।

ଜମ୍ମୁ-କଶ୍ମୀରରେ ଆତଙ୍କୀ ସଫେଇ ଅଭିଯାନ

ଶ୍ରୀନଗର, ୧୪/୨ (ଆ.ପ୍ର) : ଜମ୍ମୁ-କଶ୍ମୀର ପୁଲୱାମା ଆତଙ୍କବାଦ ବିରୋଧୀ ଅଭିଯାନ ବଢାଇ ଦେଇଛି । ଗୋଡା ଜିଲ୍ଲାରେ ସକ୍ରିୟ ଆତଙ୍କବାଦୀଙ୍କ ବିଷୟରେ ସୂଚନା ଦେବା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ପୋଷ୍ଟର ଲଗାଯାଇଛି । ଅଧିକାରୀମାନେ ଶନିବାର କହିଛନ୍ତି, ଏଥିରେ ଛେଡ଼ି-ଲ-ମହଣ୍ଡର ପାକିସ୍ତାନୀ ଜମାଣ୍ଡର ସେଫୁଲ୍ଲାର ନାଁ ମଧ୍ୟ ରହିଛି । ନିଜଟରେ ସଂଘର୍ଷ ବେଳେ ସ୍ଥାନୀୟ ଅଂଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ଗୁପ୍ତଚର ସୂଚନା ମିଳିବା ପରେ ଜମ୍ମୁର ବହୁ ଅଂଚଳରେ ସୁରକ୍ଷା ଅଭିଯାନ ବାଧାମାନ୍ତମୂଳକ କରି ଦିଆଯାଇଛି । ଏହି କ୍ରମରେ ଏକାଧିକ ଏକ ପଦକ୍ଷେପ ଉଠାଯାଇଛି । ପୋଷ୍ଟର ସହୁ ଡୋଡାର ପ୍ରବେଶ ପଥରେ ଗଣପତ ଚିକ୍ର, ନାଗରି, ଡେସା ଓ ପାଠରି ସମେତ ପ୍ରମୁଖ ପୋଷ୍ଟ ଓ ସାର୍ବଜନୀନ ସ୍ଥାନରେ ଲଗାଯାଇଛି । ଅଧିକାରୀଙ୍କ କହିବା ଅନୁସାରେ, ଜନସହଭାଗିତା ବଢାଇବା ପାଇଁ ସମ୍ବେଦନଶୀଳ ଅଂଚଳରେ ମଧ୍ୟ ଆହୁରି ନୋଟିସ୍ ଲଗାଯାଇଛି । ଏହା ଭିତରେ ଶନିବାର ସକାଳେ ସୁରକ୍ଷାବଳ ଡୋଡାର ଗାନ୍ଦ ଅଂଚଳର ଚିଲ୍ଲି ଜଙ୍ଗଲରେ ଆତଙ୍କବାଦୀଙ୍କ ଏକ ଆଡ୍ଡାକୁ ଧ୍ୱଂସ କରିଦେଇଛନ୍ତି ।

ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ ୨.୦ କୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ, ୧୪/୨(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ ୨.୦ (ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଡିଏଫ ୨.୦) କୁ ଅନୁମୋଦନ କରାଯାଇଛି । ଦେଶର ଷ୍ଟାର୍ଟଅପ୍ ଇକୋସିଷ୍ଟମ ପାଇଁ ଇଂଜ କ୍ୟାପିଟାଲ ସଂଗ୍ରହ କରିବା ପାଇଁ ଏଥିରେ ମୋଟ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଂଟନ କରାଯାଇଛି । ବର୍ତ୍ତମାନର ଘରୋଇ ପୁଞ୍ଜି ସଂଗ୍ରହ, ଇଂଚର କ୍ୟାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ନବୋନ୍ମେଷ ଆଧାରିତ ଉଦ୍ୟୋଗକୁ ସମର୍ଥନ କରି ଭାରତର ଷ୍ଟାର୍ଟଅପ୍ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା ଏହି ଯୋଜନାର ଲକ୍ଷ୍ୟ । ଷ୍ଟାର୍ଟଅପ୍ ଇଣ୍ଡିଆ ପରବେକ୍ଷେପ ଅଧୀନରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଡିଏଫ ୨.୦ ହେଉଛି ଭାରତକୁ ବିଶ୍ୱର ଏକ ପ୍ରମୁଖ ଷ୍ଟାର୍ଟଅପ୍ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରାୟ ଏକ ଦଶନ୍ଧି ଧରି ଚାଲିଥିବା ପ୍ରୟାସର ପରିଣାମ । ୨୦୧୬ରେ ଷ୍ଟାର୍ଟଅପ୍ ଇଣ୍ଡିଆ ଆରମ୍ଭ ହେବା ପରଠାରୁ, ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି । ଏହା ୫୦୦ ରୁ କମ୍ ଷ୍ଟାର୍ଟଅପ୍‌ରୁ ବୃଦ୍ଧି ପାଇ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପରେ ପହଂଚିଛି । ୨୦୨୫ରେ ସର୍ବାଧିକ ଷ୍ଟାର୍ଟଅପ୍ ପଞ୍ଜିକରଣ ହୋଇଛି । ଷ୍ଟାର୍ଟଅପ୍ ଇଣ୍ଡିଆ ଏଫଡିଏଫ ୨.୦ ଭାରତୀୟ ନବସୃଜନକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଡିଜାଇନ୍ କରାଯାଇଛି । ଏହି ନୂତନ ପାଣ୍ଠି ଏକ ଲକ୍ଷ୍ୟ ଆଧାରିତ, ବିଭାଗୀକୃତ ଆର୍ଥିକ ପଦ୍ଧତି ଗ୍ରହଣ କରିବ । ଯାହାର ଲକ୍ଷ୍ୟ ହେଉଛି ଡିପ୍ ଟେକ୍ ଏବଂ ପ୍ରଯୁକ୍ତି-ଚାଳିତ ଅଭିନବ ଉତ୍ପାଦନ: ଧୈର୍ଯ୍ୟଶୀଳ ଏବଂ ଦୀର୍ଘକାଳୀନ ପୁଞ୍ଜି ଆବଶ୍ୟକ କରୁଥିବା ଜଳ-ପ୍ରଯୁକ୍ତି କ୍ଷେତ୍ରଗୁଡ଼ିକରେ ସଫଳତାକୁ ପ୍ରାଥମିକତା ଦେବା । ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟ ପ୍ରତିଷ୍ଠାତାଙ୍କୁ ସକ୍ଷମ କରିବା: ନୂତନ ଏବଂ ଅଭିନବ ବିଚାରଧାରା ପାଇଁ ଏକ ସୁରକ୍ଷା ଜାଲ ପ୍ରଦାନ କରିବା, ପାଣ୍ଠି ଅଭାବରୁ ପ୍ରାରମ୍ଭିକ ବିଫଳତାକୁ ହ୍ରାସ କରିବା । ଜାତୀୟ ପ୍ରସାର: ପ୍ରମୁଖ ମହାନଗରଗୁଡ଼ିକ ବାହାରେ ନିବେଶକୁ ଉତ୍ସାହିତ କରିବା, ଯାହା ପରବର୍ତ୍ତୀ ନବସୃଜନ ଦେଶର ପ୍ରତ୍ୟେକ କୋଣରେ ପହଂଚିପାରିବ ।

ପୁଣି ବିମାନକୁ ମିଳିଲା ବୋମା ଧମକ, ଶୌଚାଳୟରୁ ମିଳିଲା ଧମକପୂର୍ଣ୍ଣ ଚିଠି

ନୂଆଦିଲ୍ଲୀ, ୧୪/୨(ନ୍ୟୁ.ଏ): ପୁଣି ବିମାନକୁ ବୋମା ଧମକ । ଶିଳଂ ଅଭିମୁଖେ ଯାଉଥିବା ଏକ ଇଣ୍ଡିଗୋ ବିମାନରେ ବୋମା ଆତଙ୍କ ଦେଖିବାକୁ ମିଳିଛି । ଏହି ବିମାନଟି ସକାଳ ୯:୧୫ ରେ କୋଲକାତା ବିମାନ ବନ୍ଦରରୁ ଉଡ଼ାଣ ଭରିବାର ଥିଲା । ବିମାନଟିକୁ, ବର୍ତ୍ତମାନ ଆଇସୋଲେସନ୍ ବେ'କୁ ସ୍ଥାନାନ୍ତର କରାଯାଇଛି । ବିମାନରେ ଯାତ୍ରୀମାନେ ବସିବା ସମୟରେ, କ୍ରୁ ସଦସ୍ୟମାନେ ବିମାନର ଶୌଚାଳୟ ଭିତରୁ ଏକ କାଗଜ ଖଣ୍ଡ ପାଇଥିଲେ । ଯେଉଁଥିରେ ବିମାନ ଭିତରେ ବୋମା ଥିବା ଲେଖାଯାଇଥିଲା । ଏହା ପରେ ତୁରନ୍ତ ଯାତ୍ରୀମାନଙ୍କୁ ବିମାନରୁ ବାହାର କରି ଦିଆଯାଇଥିଲା । ବର୍ତ୍ତମାନ ସାଂଚ ପ୍ରକ୍ରିୟା ଜାରି ରହିଛି । କୋଲକାତାରୁ ଶିଳଂ ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନ 6E-7304 ର ଶୌଚାଳୟରୁ ଏକ ସନ୍ଦେହଜନକ ନୋଟ୍ ହାତ୍ତର କରାଯାଇଥିଲା । ପ୍ରାରମ୍ଭିକ ସୂଚନା ଅନୁଯାୟୀ ନୋଟରେ ବୋମା ଧମକ ଥିବା ଅନୁମାନ କରାଯାଇଛି । ସକାଳ ୯:୧୫ରେ ଉଡ଼ାଣ ଭରିବାକୁ ଥିବା ବିମାନକୁ ସୁରକ୍ଷା ପ୍ରୋଟୋକଲ୍ ଅନୁଯାୟୀ ଯାତ୍ରୀମାନଙ୍କଠାରୁ ଦୂରରେ ଏକ ଆଇସୋଲେସନ୍ ବେ'କୁ ସ୍ଥାନାନ୍ତର କରାଯାଇଥିଲା । ଏହା ପରେ ବମ୍ ସ୍କାଡ୍ ଏବଂ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକର ଟିମ୍ ବିମାନର ସୁକ୍ଷ୍ମାନୁସୂକ୍ଷ୍ମ ତଲାସ ଆରମ୍ଭ କରିଥିଲେ । ଅଧିକାରୀଙ୍କ ଅନୁଯାୟୀ, ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ଅବତରଣ କରାଯାଇଛି । ବିମାନବନ୍ଦର ପ୍ରଶାସନ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି ଏବଂ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି । ଇଣ୍ଡିଗୋ କହିଛି ଯେ ସମସ୍ତ ଆବଶ୍ୟକୀୟ ସୁରକ୍ଷା ପ୍ରକ୍ରିୟା ଅନୁସରଣ କରାଯାଇଛି ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକୁ ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯାଇଛି । ଅଧିକାରୀମାନେ କହିଛନ୍ତି ଯେ ତଦନ୍ତ ସମାପ୍ତ ହେବା ପରେ ହିଁ ପରବର୍ତ୍ତୀ ଉଡ଼ାଣ ସମ୍ପର୍କରେ ଯେକୌଣସି ନିଷ୍ପତ୍ତି ନିଆଯିବ । ବର୍ତ୍ତମାନ ସୁରକ୍ଷା ଯାଂଚ ଚାଲିଛି ଏବଂ ସମସ୍ତ ମାମଲାକୁ ଗୁରୁତ୍ୱର ସହ ନିଆଯାଇଛି ।

କପାଚାଷୀ ଓ ବୟନ ଶିଳ୍ପ ପ୍ରସଙ୍ଗ ଉଠାଇ ସରକାରଙ୍କୁ ରାହୁଲଙ୍କ ସମାଲୋଚନା

ନୂଆଦିଲ୍ଲୀ, ୧୪/୨ (ଆ.ପ୍ର) : କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ରାହୁଲ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଯୋଗୁ ଦେଶର କପା ଚାଷୀ ଓ ବୟନ ଶିଳ୍ପ କ୍ଷେତ୍ର ବ୍ୟାପକ ଭାବେ ପ୍ରଭାବିତ ହେବ । କେନ୍ଦ୍ର ସରକାର ବାଣିଜ୍ୟ ଚୁକ୍ତିନାମାର ଏହି ଦିଗଗୁଡ଼ିକୁ ଲୁଚାଇ ରଖିଛନ

 କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଦୈନିକ
ଆରମ୍ଭ
SEITHO ARAMBHA

ରବିବାର, ୧୫ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଭାଲିଆଡ଼ିହିରେ ୨ ପରିବାରର ୧୯ ଜଣ ସଦସ୍ୟ ସ୍ୱଧର୍ମକୁ ଫେରିଲେ

ବଣାଇ, ୧୪/୨ (ଆ.ପ୍ର) : ବଣାଇ ଉପଖଣ୍ଡ ଶଙ୍କପୋଷ ପଂଚାୟତର ଭାଲିଆଡ଼ିହି ମହାଦେବଶାଳ ପଡିଆରେ ବଣାଇ ବିଶ୍ୱ ହିନ୍ଦୁ ପରିଷଦ ଏବଂ ଭାଲିଆଡ଼ିହି ମହାଦେବ ହୋ କମିଟି ଦ୍ୱାରା ଆୟୋଜିତ ଧର୍ମ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମରେ ଭାଲିଆଡିହି ଗ୍ରାମର ୨ ଆଦିବାସୀ ପରିବାରର ୧୯ ଜଣ ସଦସ୍ୟ ଖ୍ରୀଷ୍ଟଧର୍ମକୁ ତ୍ୟାଗ କରି ସନାତନ ବୈଦିକ ଧର୍ମକୁ ପୁନଃ ଫେରିଛନ୍ତି । ଏହି ପରିବାରମାନଙ୍କୁ ନିଜ ମୂଳ ଏବଂ ସଂସ୍କୃତିକୁ ସମ୍ମାନ ସହ ଫେରିବା ପାଇଁ "ଧର୍ମ ପ୍ରତ୍ୟାବର୍ତ୍ତନ" ଅନ୍ତର୍ଗତ ମୁଖ୍ୟଧାରାରେ ପୁନଃ ଆଣାଯାଇଛି । ଏହି ପରିବାରମାନେ ପୂର୍ବରୁ ପ୍ରଲୋଭନ କିମ୍ବା ପରିସ୍ଥିତିବଶତଃ ଖ୍ରୀଷ୍ଟଧର୍ମକୁ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମଟି ଆଦିବାସୀ ପରିବାରମାନଙ୍କର ପରିଚୟ ଏବଂ ସାଂସ୍କୃତିକ ଗୌରବକୁ ପୁନଃ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ହୋଇଥିଲା । ଏହି ଅବସରରେ ୧୦୮ ମହାମୃତ୍ୟୁଞ୍ଜୟ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା ! ଗ୍ରାମର ଶତାଧିକ ମହିଳା ପୁରୁଷ ଏବଂ ରାଧା ମାଧବ ଜୀର୍ତନ ମଣ୍ଡଳୀ ଦ୍ୱାରା ନିକଟସ୍ଥ ଆମଗୁଡ଼ିର ପବିତ୍ର ଝରଣାରୁ ପବିତ୍ର ଜଳ ଭର୍ତି ଭବ୍ୟ କଳସ ଶୋଭାଯାତ୍ରା ଯଜ୍ଞ ସ୍ଥଳ କୁ ଅଣା ଯାଇଥିଲା ! ଏଥିରେ ସ୍ୱ ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଥିବା ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ନୂତନ ବସ୍ତ୍ର, ଫଂଚରବୟ, ଫୁଲମାଳ, ଚନ୍ଦନ ସିନ୍ଦୁର ଲଗାଇ ଗୋତ୍ର ପ୍ରଦାନ କରାଯାଇଥିଲା ! ଏହି କାର୍ଯ୍ୟକ୍ରମରେ ବଣାଇ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଘନ ଶ୍ୟାମ ମହାନ୍ତ, ବରିଷ୍ଠ କାର୍ଯ୍ୟ କର୍ତା ତପନ କୁମାର ଦଣ୍ଡିଆ, ହରିଶ୍ଚନ୍ଦ୍ର ମହାନ୍ତ ଯୋଗ ଦେଇ ଧର୍ମ ପ୍ରତ୍ୟାବର୍ତ୍ତନ କାର୍ଯ୍ୟ କ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ବାବଦରେ ଆଲୋକ ପାତ କରି ଥିଲେ ! କାର୍ଯ୍ୟ କ୍ରମ ଟି ଧର୍ମ ପ୍ରସାର ବିଭାଗ ର ପ୍ରଶାସନିକ ମୁଖ୍ୟ ଦୀପକ ମହାନ୍ତ ପରିଚାଳନା କରିଥିବା ବେଳେ ପୁରୋହିତ କାର୍ଯ୍ୟ ସୁନ୍ଦର ମଣି ବାସ ସମ୍ପାଦନ କରିଥିଲେ ! ଏହି କାର୍ଯ୍ୟ କ୍ରମ ଆୟୋଜନ ରେ ଗ୍ରାମର ଗମିଆଁ ମୁଣ୍ଡା, ବିନୋଦ କୁମାର ମୁଣ୍ଡା, ଚମ୍ପରୁ ଧର ମୁଣ୍ଡା, ଅଶୋକ କୁମାର ପାତ୍ର, ସୁଜାତି ମହାଳୁନ, ସୀମା ମୁଣ୍ଡା, ବେଲଣ୍ଡି ମୁଣ୍ଡା ମେଷ୍ଟାଲୀ ମୁଣ୍ଡା, ଲମ୍ବସେନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ! ଶେଷରେ ଶଙ୍କପୋଷ ଜୟ ମା ଦୁର୍ଗା ଭଜନ ସନ୍ଧ୍ୟା ପରିବେଷଣ କରାଯାଇ ଥିଲା । ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜି.ଉଦୟଗିରି, ୧୪/୨ (ଆ.ପ୍ର) : ଗ୍ରାମୀଣ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୪ତମ ବାର୍ଷିକ ଉତ୍ସବ ବିଦ୍ୟା ମନ୍ଦିର ପ୍ରାଙ୍ଗଣ ରେ ଅନୁଷ୍ଠିତ ହୋଇଯାଇଛି ଓ ଶନିବାର ସନ୍ଧ୍ୟା ସମୟରେ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଇକିଆ ଗୋଷ୍ଠୀ ଜନ୍ମୟନ ଅଧିକାରୀ ଡ.ସତ୍ୟସାଚୀ ସାହୁ,ମୁଖ୍ୟ ବକ୍ତା ଡ.ନଳିନୀ କାନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ବିନୋଦ ବିହାରୀ ଦାସ,ସମ୍ମାନିତ ଶିବରାମ ସାହୁ, ଉପବେଷ୍ଟା ଲଦୁଜିଶର ରଥ ଯୋଗ ଦେଇଥିଲେ । ଗୁରୁମା ସରିତା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାଶ, ଜୁନିଜୁନି ଛାତ୍ର ଛାତ୍ରୀ ଓ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ମୁଖ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଅତିଥିବୃନ୍ଦ ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା କିପରି ଭଲ ପାଠ ପଢ଼ି ଜୀବନରେ ସଫଳତା ପାଇପାରିବେ ସେ ନେଇ ଛାତ୍ରୀ ଛାତ୍ର ମାନଙ୍କ ମାର୍ଗ ଦର୍ଶନ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀ ଛାତ୍ର ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ । ଏହି ବାର୍ଷିକ ଉତ୍ସବ ପାଳନ ଅବସରରେ ଛାତ୍ରୀ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ରାଜ୍ୟ ସ୍ତରୀୟ ଦିବା ରାତ୍ରୀ ଭଲିବଲ ଟୁର୍ନାମେଂଟ ଉଦଘାଟିତ

ଜଗତସିଂହପୁର, ୧୪/୨ (ଆ.ପ୍ର) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣାସ୍ଥିତ ଆଶ୍ରମପାଟଣା ଭଲିବଲ ୟୁନିଅନ ଏବଂ ପ୍ରଫୁଲ୍ଲ ପାଠାଗାର ମିଳିତ ଆନୁକୂଲ୍ୟରେ ୩୩ ତମ ରାଜ୍ୟସ୍ତରୀୟ ଦିବାରାତ୍ରି ଉଭୟ ବାଳକ ବାଳିକା ବର୍ଗର ଭଲିବଲ ଟୁର୍ନାମେଂଟ ଉଦଘାଟିତ ହୋଇଯାଇଛି ଓ ଏହି ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ପୌରୋଧାକ୍ଷା, ଜଗତସିଂହପୁର ପୌରପରିଷଦ ଅର୍ଜନା ସିଂହ, ସମ୍ମାନିତ ଅତିଥି ଭାବେ ଖଲରଙ୍ଗ ଗ୍ରାମ ପଂଚାୟତ ସରପଂଚ ଲିପକ କୁମାର ସାହୁ, ଆଶ୍ରମପାଟଣା ଭଲିବଲ ୟୁନିଅନର ମୁଖ୍ୟ ଉପଦେଷ୍ଟା ତଥା ସମାଜସେବୀ ନିରଞ୍ଜନ ଦାଶ,ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀ, ବଂଶୀଧର ଆଚାର୍ଯ୍ୟ, ବିଜୟ କୁମାର ପତି, ସୁରେନ୍ଦ୍ର କୁମାର ରାୟ, ଅଧ୍ୟକ୍ଷ ତଥା ସମାଜସେବୀ କଳରାମ ରଥ, ପ୍ରଶାନ୍ତ କୁମାର ଦାଶ, ଡାକ୍ତର ସରୋଜକାନ୍ତ ବାରିକ, ରଶ୍ମିରଞ୍ଜନ ବେହେରା, ପ୍ରଦୀପ୍ତ କିଶୋର ସାହୁ ଆଦି ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରାଯିବାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ଓ ଏହାପରେ ଉଭୟ ବଳର ଖେଳାଳି ମାନଙ୍କ ସହିତ ଅତିଥିମାନେ କରମର୍ଦନ କରିଥିଲେ ଓ ଶେଷରେ ଏହି ବାଳିକା ବର୍ଗର ଭଲିବଲ ଟୁର୍ନାମେଂଟକୁ ଅତିଥିମାନେ ଉଦଘାଟନ କରିଥିଲେ ଓ ଖେଳ ଆରମ୍ଭ ପୂର୍ବରୁ ଆଶ୍ରମ ପାଟଣା ଭଲିବଲ ୟୁନିଅନର ପୂର୍ବତନ ଖେଳାଳି ବିଚାଂଚି ନାରାୟଣ ଦାସ ଏବଂ ଦେବକାନ୍ତ ମିଶ୍ରଙ୍କ ବିୟୋଗ ହେତୁ ଏକ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା ଓ ଏହି ବାଳିକା ବର୍ଗ ଟୁର୍ନାମେଂଟରେ ଆଶ୍ରମପାଟଣା ଭଲିବଲ ୟୁନିଅନ, ଓଡିଶା ପୋଲିସ ମଧ୍ୟରେ ଉଦଘାଟନ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଓ ଏହାପରେ ପାରାଦ୍ୱୀପ ସେଟ୍ ଅପ୍ରାଇଟ ଏବଂ କେନ୍ଦ୍ରାପଡା ମଧ୍ୟରେ ମୁକାବିଲା ହୋଇଥିଲା ଓ ଏହି ଖେଳକୁ ରେଫେରୀ ଗୁଲୁ ପ୍ରସାଦ ପତି ଏବଂ ବିଶ୍ୱଜିତ ବାସ ପରିଚାଳନା କରିଥିଲେ ଓ ଫାଇନାଲ ମ୍ୟାଚରେ ଆଶ୍ରମପାଟଣା ଭଲିବଲ ୟୁନିଅନକୁ ହରାଇ ଓଡିଶା ପୋଲିସ ବାଳିକା ବର୍ଗର ଚାମ୍ପିୟନ ହୋଇଛି ଓ ଟୁର୍ନାମେଂଟରେ ସମ୍ପଦ କୁମାର ବେହେରା, ଦିପ୍ତୀରଂଜନ ଦାଶ,ହିମାଂଶୁ ରଞ୍ଜନ ଦାଶ, ରମେଶ ଚନ୍ଦ୍ର ମହାଣ୍ଡି,ଅମିତ କୁମାର ଆଚାର୍ଯ୍ୟ,ସୁଭୁତ କୁମାର ଦାସ, ପଟ୍ଟାଜି ରାୟ,ଆଦିତ୍ୟ କୁମାର ସାହୁ,ଜନକ କିଶୋର ସର୍ଦାର ସିଂହଙ୍କ ସମେତ ସମସ୍ତ ଖେଳାଳି ପରିଚାଳନାରେ ସହଯୋଗ କରିଥିଲେ ।

ଅପହଂଚ ଇଲାକାରେ ସାମ୍ବାଦିକ ସଂଘର(ବି.ୟୁ.ଜେ), ଛାତ୍ରଛାତ୍ରୀଙ୍କୁ ଖେଳ ପ୍ରେରଣା, ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଂଟନ

ବଣାଇ, ୧୪/୨ (ଆ.ପ୍ର) : ସମାଜ ସେବାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଛି ବଣାଇ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ (ବି.ୟୁ.ଜେ.) । ଆଜି ଗୁରୁଷ୍ଠିଆ ବ୍ଲକ ଅନ୍ତର୍ଗତ ନରେନ୍ଦ୍ର ଗ୍ରାମପଂଚାୟତର ଜଟୁରାଦୂଆ ଗ୍ରାମରେ ସଂଘ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ସାହଭରା ଖେଳ ପ୍ରତିଯୋଗିତା ଆୟୋଜନ ସହ ଗ୍ରାମର ଅସହାୟ ବୃଦ୍ଧବୃଦ୍ଧାଙ୍କୁ ସ୍ନେହ ଓ ସମ୍ମାନର ପ୍ରତୀକ ଭାବେ କମ୍ବଳ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ସଭାପତି ହେମେନ୍ଦ୍ର ପ୍ରଧାନ (ଉମରୁ) ସଭାପତିତ୍ୱ କରି କହିଥିଲେ ଯେ, ସାମ୍ବାଦିକତା କେବଳ ସମ୍ବାଦ ପ୍ରସାରଣରେ ସୀମିତ ନୁହେଁ, ବରଂ ସମାଜର ଅନ୍ତିମ ସୀମାରେ ଥିବା ଲୋକଙ୍କ ମୁହଁରେ ହସ ଫୁଟାଇବାରେ ମଧ୍ୟ ତାହାର ମୂଲ୍ୟ ରହିଛି । ଅପହଂଚ ଅଂଚଳରେ ଏଭଳି ସେବାମୂଳକ କାର୍ଯ୍ୟ ଅବିରତ ଚାଲିରହିବା ପାଇଁ ସେ ଅନ୍ୟ ସାମ୍ବାଦିକମାନଙ୍କୁ ପ୍ରେରଣା ଦେଇଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ବଣାଇଡଡ଼ ସରପଂଚ ରେଜୁଲୁ ପ୍ରଧାନ ଉପସ୍ଥିତ ହୋଇ ସଂଘର ଏହି ମାନବିକ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ । ସମାଜ ସେବାରେ ପରିଚିତ ପ୍ରଧାନ ଶିକ୍ଷକ ଏଇ ଅଞ୍ଚଳ ଦିନ ହେବ 'ସୁନ୍ଦରଗଡ଼ ସମ୍ବାଦ' ଜିଲ୍ଲାପାଳଙ୍କ ଠାରୁ ଗ୍ରହଣ କରିଥିବା ପର୍ଶୁରାମ ବାରିକ ଓ ସମାଜସେବୀ ପପୁ ମହାଣ୍ଡି (ଟେନସା)ଙ୍କୁ ସଭାପତି ଉପହୋକନ ପ୍ରଦାନ କରି ସମ୍ମାନିତ କରିଥିଲେ । ସଂଘର ଆଜନ ପରାମର୍ଶଦାତା ଯୁବ ଓଡିଶା ମାନସ ରକ୍ଷଣ ପତି ଏବଂ ଅନୁଲ୍ୟ କୁମାର ସାମଲ ମତ ପ୍ରକାଶ କରି କହିଥିଲେ ଯେ, ବୃଦ୍ଧବୃଦ୍ଧାଙ୍କ ପ୍ରତି ସମ୍ମାନ ଜଣାଇବା ଆମ ସମାଜର ପବିତ୍ର ଦାୟିତ୍ୱ । ଏଭଳି ସେବାମୂଳକ କାର୍ଯ୍ୟ ସମାଜକୁ ଏକତାର ସୂତ୍ରରେ ବାନ୍ଧି ରଖେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସରପଂଚ ସଂଘ ସଭାପତି ଓ ରାଷ୍ଟ୍ରପତି ପୁରସ୍କୃତ ସରପଂଚ ଉପେନ୍ଦ୍ର କିସାନ ଏବଂ ନରେନ୍ଦ୍ର ଗ୍ରାମପଂଚାୟତର ସରପଂଚ କୁସୁମିନୀ ବାଲି ଉପସ୍ଥିତ ହୋଇ କମ୍ବଳ ବଂଟନ କାର୍ଯ୍ୟକ୍ରମରେ ସାମିଲ ହୋଇ ଆନନ୍ଦ ଓ ଗର୍ବ ପ୍ରକାଶ କରିଥିଲେ । ଏହି ଅବସରରେ ସଂଘର କର୍ମକର୍ତାମାନେ ବିଜୟ କୁମାର ବାଗ, ସଞ୍ଜୟ ବେରେରା, ସୁରେଶ କୁମାର ଦାଶ,ରାକେଶ ପ୍ରଧାନ, ତିଲେଶ୍ୱର ରଣା, ସତ୍ୟନାରାୟଣ କୁମାର ଅଦି ଆଦି ସକ୍ରିୟ ଭାବେ ବାୟିତ୍ୱ ନିର୍ବାହ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଭ୍ରମର କୁମାର ବାରିକ ମଂଚ ସଂଚାଳନ କରି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଗ୍ରାମବାସୀମାନେ କହିଥିଲେ, "ଏହା କେବଳ କମ୍ବଳ ବଂଟନ ନୁହେଁ, ଏହା ଆମ ପ୍ରତି ଭଲପାଇବା ଓ ସମ୍ମାନର ପ୍ରକାଶ ।"ବଣାଇ ଅଂଚଳରେ ସାମ୍ବାଦିକ ସଂଘର ଏହି ମାନବିକ ପଦକ୍ଷେପ ନିଶ୍ଚୟ ଅନ୍ୟ ସଂଗଠନ ମାନଙ୍କ ପାଇଁ ପ୍ରେରଣା ହେଉ ବୋଲି ଶୁଭକାମନା ଜଣାଇଥିଲେ ।

ନେତାଜୀ ସିନିୟର କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ

ଭୁବନ, ୧୪/୨ (ଆ.ପ୍ର) : ଭୁବନ ବ୍ଲକ ଅନ୍ତର୍ଗତ ପଳାଶପିଠିଆ ଠାରେ ନେତାଜୀ କ୍ରିକେଟ କ୍ଲବ ଆୟୋଜନ କ୍ରମେ ଦେବରଞ୍ଜନ ସିନିୟର କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟନ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ୧୬ଟି ଦଳ ଭାଗନେବେ । ପ୍ରଥମଦିନରେ ବୁଇଟି ଲିଗ ମ୍ୟାଚରେ ୪ଟି ଦଳ ଭାଗନେଇଥିଲେ ।୧୨ ଓଭର ବିଶିଷ୍ଟ ମ୍ୟାଚ ହୋଇଥିଲା । ପ୍ରଥମ ମ୍ୟାଚ ଗଡନୃସିଂହପ୍ରସାଦ ଏବଂ ସୁରପ୍ରତାପପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସୁରପ୍ରତାପପୁର ୧୨ଓଭୋରରେ ୧୪୦ରନ କରିଥିଲା ଯବାବରେ ଗଡନୃସିଂହପ୍ରସାଦ ୧୧ଓଭୋରରେ ୧୪୧ରନକରି ବିଜୟୀ ହୋଇଥିଲା ।ଦ୍ୱିତୀୟ ମ୍ୟାଚ ଆଲୁଅଝରଣ ଏବଂ ଭୁଷନ ମଧ୍ୟରେ ହୋଇଥିଲା । ଆଲୁଅଝରଣ ପ୍ରଥମେ ବ୍ୟାଟଙ୍କି କରି ୧୨ଓଭୋରରେ ୯୦ ରନ କରିଥିଲେ । ଯବାବରେ ୧୦.୪ ଓଭୋରରେ ୯୧ ରନକରି ଭୁଷନ ବିଜୟୀ ହୋଇଥିଲା । ମୁଖ୍ୟଅତିଥି ସମାଜସେବୀ ବିରେନ୍ଦ୍ର ପ୍ରତାପ ଜେନା, ସମ୍ମାନିତ ଅତିଥିଭାବେ ସମାଜସେବୀ ନିତ୍ୟାନନ୍ଦ ମହାପାତ୍ର, ପ୍ରକାଶ ଜେନା, ସାନ୍ତାକ କର୍ଣ୍ଣେଲ, ମାନସ ମହାପାତ୍ର, ସୁବାସ ମହାପାତ୍ର, ସର୍ବେଶ୍ୱର ମହାପାତ୍ର, ଗନ୍ଧନୃସିଂହପ୍ରସାଦ ସମିତାୟ ସମିତି ସଭାପତି ପ୍ରତାପ କର୍ଣ୍ଣେଲ ଉପସ୍ଥିତ ଥିଲେ । ଚନନ ପ୍ରଧାନ ଏବଂ ଡାକ୍ତର ଜେନା ଖେଳ ପରିଚାଳନା କରିଥିଲେ । ଧାରାବିବରଣୀ କୃଷ୍ଣଚନ୍ଦ୍ର ମହାପାତ୍ର, ମାନସ ମହାପାତ୍ର ଏବଂ ଅନୁଷ୍ଠିତ କର୍ଣ୍ଣେଲ ପ୍ରଧାନ କରିଥିଲେ ।

ନବରଙ୍ଗପୁର ଡିଗ୍ରୀ କଲେଜରେ ଉତ୍କର୍ଷ ସ୍କୁଲ୍ ଫାଇନାନ୍ସ ବ୍ୟାଙ୍କର କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ

ନବରଙ୍ଗପୁର, ୧୪/୨ (ଆ.ପ୍ର) : ନବରଙ୍ଗପୁର ଡିଗ୍ରୀ କଲେଜର କ୍ୟାରିଅର କାଉନସେଲିଂ ସେଲ୍ ଓ ପିନାକଲ୍ ହ୍ୟୁମାନ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱରଙ୍କ ସହଯୋଗରେ ଉତ୍କର୍ଷ ସ୍କୁଲ୍ ଫାଇନାନ୍ସ ବ୍ୟାଙ୍କର ଏକ ସଫଳ କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ ଆୟୋଜିତ ହୋଇଯାଇଛି । ଏହି ଅଭିଯାନରେ ନବରଙ୍ଗପୁର ଡିଗ୍ରୀ କଲେଜ, ବିଦ୍ୟାର୍ଥୀ ଡିଗ୍ରୀ କଲେଜ, ମହିଳା ଡିଗ୍ରୀ କଲେଜ ଓ ବିଦ୍ୟାନିକେତନ ଡିଗ୍ରୀ କଲେଜର ୫୦ ଜଣ ଶେଷ ବର୍ଷର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ବାଛିବି ପ୍ରୟୋଗ ପ୍ରବାନ କରିବା ଓ ତାଙ୍କର ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଶୁଭାରମ୍ଭ ନବରଙ୍ଗପୁର ଡିଗ୍ରୀ କଲେଜର ଅଧ୍ୟକ୍ଷ ଶ୍ରୀ ଜି.ଗୋବିନ୍ଦ - ରାଓ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିନିଧିତ୍ୱ ପରିବର୍ତ୍ତିତ କାର୍ଯ୍ୟକରଣରେ ସଫଳତା ପାଇଁ ଦକ୍ଷତା, ଆତ୍ମବିଶ୍ୱାସ ଓ ସକାରାତ୍ମକ ମନୋଭାବ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ପିନାକଲ୍ ହ୍ୟୁମାନ୍ ରିସୋର୍ସ ପ୍ରା.ଲି.ର ଟ୍ରେନିଂ ଓ ପ୍ଲେସମେଂଟ ମ୍ୟାନେଜର ଶ୍ରୀ ସି. ଶେଖର ନାୟକ ଏବଂ ଉତ୍କର୍ଷ ସ୍କୁଲ୍ ଫାଇନାନ୍ସ ବ୍ୟାଙ୍କ, ନବରଙ୍ଗପୁର ଶାଖାର ପ୍ରବନ୍ଧକ ଶ୍ରୀ ଦୀପକ କୁମାର ବେହେରା ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ । ଆପ୍ଟିଟ୍ୟୁଡ୍ ପରୀକ୍ଷା, ବ୍ୟକ୍ତିଗତ ସାକ୍ଷାତକାର ଓ ଆଲୋଚନା ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଶ୍ରୀ କିରେନ୍ଦ୍ର କୁମାର ରଥ, ଶୌତିକ ବିଜ୍ଞାନ ଅଧ୍ୟାପକ, ଡଃ ହରାଙ୍ଗିନ ମଛକଦ, ଶୌତିକ ବିଜ୍ଞାନ ଅଧ୍ୟାପକ ଏବଂ ମିସ୍ ବିଜେତାରା ସୁନାଧର, ବାଣିଜ୍ୟ ଅଧ୍ୟାପିକା ସଫଳତାର ସହିତ ସଂଚାଳନା ଓ ପରିଚାଳନା କରିଥିଲେ ।

ରେଡ଼ିଓ ସୁରଭିରେ ସ୍ଥାନ ପାଇଲା ମଧ୍ୟଖଣ୍ଡ ଲୋକ କଳା ଦଣ୍ଡ ନୃତ୍ୟ



ବଶପଲ୍ଲା, ୧୪/୨ (ଆ.ପ୍ର) : ଲୋକ କଳା ସଂସ୍କୃତି ଅଥବା ପୁରାତନ ପରମ୍ପରା ଲୋପ ପାଇବାକୁ ବସିଥିବା ବେଳେ ଯୁବ ସମାଜ ପାଶ୍ଚାତ୍ୟ ସଭ୍ୟତାର ଜଳକରେ କବଳିତ ହୋଇ ନିଜ ନିଜ କଳା ସଂସ୍କୃତି ପରମ୍ପରାକୁ ଭୁଲିଗଲେଣି । ମାତ୍ର ବ୍ୟତିକ୍ରମ ଦେଖିବାକୁ ମିଳିଛି ବଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡର କେତେକ ଯୁବ ବ୍ୟକ୍ତିତ୍ୱଙ୍କ ମଧ୍ୟରେ । ଏ ଗ୍ରାମର ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଲୋକ ନୃତ୍ୟ ଦଣ୍ଡକଳାର କଳା କଳେଜୁଣୀ ଶୁଆଙ୍ଗ ପରିବେଷଣ କରିଥିଲେ । ରେଡ଼ିଓ ସୁରଭି ତରଫରୁ ସମସ୍ତ ଦଣ୍ଡପରିବାରର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା । ସମସ୍ତ ଜଜ ଓ ଦର୍ଶକ ପ୍ରଶଂସା କରିବା ସହିତ ଏକ ନମ୍ବର ଦେବାର ମାନପତ୍ର ସମସ୍ତଙ୍କୁ ପ୍ରଦାନ କରିଥିଲେ । ପାଟଭୋଗତା ଓ ପରିଚାଳକ ସହିତ ସମସ୍ତ କଳାକାର ମାନଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ମଂଚରେ ସମ୍ମାନିତ କରିଥିଲେ ଏବଂ ଏହି ମଧ୍ୟଖଣ୍ଡ ଦଣ୍ଡ ନୃତ୍ୟକୁ ବିଶ୍ୱ ସ୍ତରୀୟ ମାନ୍ୟତା ପାଇଁ ରେଡ଼ିଓ ସୁରଭି ରେ ସ୍ଥାନ ଓ ସମ୍ପୂର୍ଣ୍ଣ ଦଣ୍ଡ ନୃତ୍ୟକୁ ଅଡିଓ ଓ ଭିଡ଼ିଓ ରେକର୍ଡିଂ କରି ଦୂରଦର୍ଶନ ରେ ପ୍ରସାରଣ ପାଇଁ ଆଗାମୀ ଦିନରେ ସ୍ଥାନ ଦେବାକୁ ସମସ୍ତ ଜଜ ଓ ରେଡ଼ିଓ ସୁରଭି ଓ ଏମଫମ ରେଡ଼ିଓର ସଦସ୍ୟ ମାନେ ଜଣାଇଥିଲେ । ତେବେ ଗ୍ରାମବାସୀଙ୍କ ତରଫରୁ ରେଡ଼ିଓ ସୁରଭି ତଥା ଅନ୍ୟ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି ।

ଚୌଦ୍ୱାର କଲେଜରେ କଡ଼ା ସୁରକ୍ଷା ମଧ୍ୟରେ ରହିଲା +୨ ପ୍ରଶ୍ନପତ୍ର

ଟାଙ୍ଗୀଚୌଦ୍ୱାର,

ଶୀର୍ଷଉଦ୍ଧୃତ
ଆରମ୍ଭ
SEITHO ARAMBHA
ରବିବାର, ୧୫ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ସରକାରୀ ନିୟମକୁ ମାନୁ ନାହିଁନ୍ତି ବିଦ୍ୟାଳୟ ପ୍ରଧାନ ଶିକ୍ଷକ

ନୀଳଗିରି, ୧୪/୦୨ (ଆ.ପ୍ର) : ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାହାନାଗା ବ୍ଲକ ପଥରପେଂଟ ପଂଚାୟତ ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରକାରୀ ନୀତି ନିୟମକୁ ଫୁ କରି ଦେଇଥିବା ଅଭିଯୋଗ ହେଉଛି । ଘଟଣାରୁ ଜଣାଯାଇଛି, ଆଜି ସମସ୍ତ ସରକାରୀ ବିଦ୍ୟାଳୟରେ ସକାଳ ୭ ଘଟିକାରୁ ଅପରାହ୍ନ ୧.୩୦ ମିନିଟ ପର୍ଯ୍ୟନ୍ତ ଚାଲୁ ରହିବାର ନିୟମ ଥିବାବେଳେ, ଏହାର ବ୍ୟତିକ୍ରମ ଘଟାଇ ଶିବପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିନୋଦ କୁମାର ସେଠୀଙ୍କୁ ଅଭିଯୋଗ କରାଯାଇଛି । ସେହିପରି ଶିବପୁରା କୁଣ୍ଡର ସିଆରିସିସି ରତିକାନ୍ତ ଦାସଙ୍କୁ ଘଟଣା ବାବଦରେ ପଚାରିବାରୁ ସେ ମଧ୍ୟ ଜାଣିଥିବା କଥା କହିବା ସହିତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଚିଠି ନମ୍ବର -୨୦,ତା - ୧୪/୦୨/୨୪ ଲିଖ ମୂଳେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦେଇଛନ୍ତି । ସେହିପରି ବ୍ଲକ ଶିକ୍ଷା ଅଧିକାରୀ ସୋମାରାଣୀ ସେଠୀଙ୍କୁ ଘଟଣା ବାବଦରେ ପଚାରିବାରୁ ଘଟଣା ସତ୍ୟରେ ଅବଗତ ହୋଇଛି । କାର୍ଯ୍ୟରେ ଅବହେଳା ସମ୍ବନ୍ଧରେ କାରଣ ଦର୍ଶାଇ ନୋଟିସ ଜାରି କରାଯିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମତ ରଖିଥିଲେ । ବାରମାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସେଠୀଙ୍କ ବିରୋଧରେ ମାଳମାନ ଅଭିଯୋଗ ଆସୁଥିଲେ ମଧ୍ୟ ବ୍ଲକ ଶିକ୍ଷା ଅଧିକାରୀଣୀ କାରଣ ଦର୍ଶାଇ ନୋଟିସ ନାଗାଇ ଚୁପ ବସିଯିବେ ନାଁ ଜୋଶିସି ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନେବେ ତାହା ଦେଖିବାକୁ ବାକି ରହିଲା ।

ବାବଦରେ ଆମ ପ୍ରତିନିଧି ଯେତେବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୋଦ କୁମାର ସେଠୀଙ୍କୁ ପଚାରିବାରୁ, ସେ ପ୍ରଥମେ ଚଣ୍ଡ ମାଧ୍ୟମ ପ୍ରତିନିଧିଙ୍କୁ ଦେଖି ହିଁହିଁ ଇତିବା ସହିତ କାହା ପରାମର୍ଶରେ ବିଦ୍ୟାଳୟ ହତା ଛିଡରାକୁ ପ୍ରବେଶ ଜଲ ଗୋଡି ଖଳଟି ପ୍ରଶ୍ନ କରିଥିଲେ । ପରେ ଗ୍ରାମରେ ଜାଗର ଜାତ ପାଇଁ କମିଟି ତରଫରୁ ଲିଖିତ ଭାବେ ଏକ ପତ୍ର ମାଧ୍ୟରେ ସକାଳ ୧୦ଘଟିକା ସମୟରେ ବିଦ୍ୟାଳୟ ଖୋଲିବା ପାଇଁ କହିଥିଲେ । ଆଜ ତାହାକୁ ନେଇ ମୁଁ କାର୍ଯ୍ୟକ୍ଷମ କରାଇଥିଲି । ଶେଷରେ ଭକ୍ତ ଶିକ୍ଷକ ନାଲି ଆଖି ଦେଖାଇବା ସହିତ ତୁମେ ମୋର କିଛି କରିପାରିବନି ବୋଲି ମଧ୍ୟ ରୋଜ ଠୋକ ଶୁଣାଇଥିଲେ । କାହା ବଦରେ ବଳିୟାନ ଏହି ପ୍ରଧାନ ଶିକ୍ଷକ । କିନ୍ତୁ ଏଠି ପ୍ରଶ୍ନ ଉଠେ ଲିଖିତ ପତ୍ରରେ ତାରିଖ ନଥିବା ବେଳେ କମିଟି ସମସ୍ତ ସଦସ୍ୟ ଘଟଣା ବାବଦରେ ଅବଗତ ନାହାନ୍ତି ବୋଲି ଜଣା ଯାଇଛି । ସେହିପରି ବିଦ୍ୟାଳୟର ଏସ ଏମ ସି କମିଟିର ଚେୟାରମ୍ୟାନ ସୁଫୁଲୁ କୁମାର ସାହୁଙ୍କ ଘଟଣା ବାବଦରେ ପଚାରିବାରୁ ସେ କହିଛି, ପ୍ରଧାନ ଶିକ୍ଷକଙ୍କ ମନମାନି କରି ଏଭଳି କାର୍ଯ୍ୟ କରିବା ଏକ ନିନ୍ଦନୀୟ ଘଟଣା । ଏପରିକି ମୁଁ ମଧ୍ୟ ଏବାବଦରେ ଅବଗତ ନାହିଁ । ସେହିପରି ଶିବପୁରା କୁଣ୍ଡର ସିଆରିସିସି ରତିକାନ୍ତ ଦାସଙ୍କୁ ଘଟଣା ବାବଦରେ ପଚାରିବାରୁ ସେ ମଧ୍ୟ ଜାଣିଥିବା କଥା କହିବା ସହିତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଚିଠି ନମ୍ବର -୨୦,ତା - ୧୪/୦୨/୨୪ ଲିଖ ମୂଳେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦେଇଛନ୍ତି । ସେହିପରି ବ୍ଲକ ଶିକ୍ଷା ଅଧିକାରୀଣୀ ସୋମାରାଣୀ ସେଠୀଙ୍କୁ ଘଟଣା ବାବଦରେ ପଚାରିବାରୁ ଘଟଣା ସତ୍ୟରେ ଅବଗତ ହୋଇଛି । କାର୍ଯ୍ୟରେ ଅବହେଳା ସମ୍ବନ୍ଧରେ କାରଣ ଦର୍ଶାଇ ନୋଟିସ ଜାରି କରାଯିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମତ ରଖିଥିଲେ । ବାରମାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସେଠୀଙ୍କ ବିରୋଧରେ ମାଳମାନ ଅଭିଯୋଗ ଆସୁଥିଲେ ମଧ୍ୟ ବ୍ଲକ ଶିକ୍ଷା ଅଧିକାରୀଣୀ କାରଣ ଦର୍ଶାଇ ନୋଟିସ ନାଗାଇ ଚୁପ ବସିଯିବେ ନାଁ ଜୋଶିସି ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ନେବେ ତାହା ଦେଖିବାକୁ ବାକି ରହିଲା ।

ଫୁଲୱାମା ଆକ୍ରମଣରେ ୪୦ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୦୦ ଦୀପ ପ୍ରଜ୍ୱଳନ

ନୀଳଗିରି,୧/୦୨ (ଆ.ପ୍ର) : ଅସ୍ତ୍ରଶସ୍ତ୍ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡିଜାଇନ ଡ୍ୟୁଟୋରିଆଲ ପ୍ରାଇଭେଟ, ସାତ ବର୍ଷ ପୂର୍ବରୁ ପୁଲୱାମା ଆକ୍ରମଣରେ ଶହୀଦ ହୋଇ ଥିବା ୪୦ ଜଣ ଯବାନ ମାନଙ୍କ ଆତ୍ମାର ସଦଗତି ନିମନ୍ତେ ଆଜି କଳା ଦିବସ ପାଳନ କରାଯାଇଅଛି । ଭାରତବର୍ଷରେ ଆଜିର ନାଗରିକ ପାଶ୍ଚାତ୍ୟ ସମାଜର ପରମ୍ପରା (ପ୍ରେମର ଦିବସ) ପାଳନ କରୁ ଥିବା ବେଳେ, ଭକ୍ତ ଚୃଷ୍ଣ ପଷ୍ଟରୁ ଏକ ନିଆରା ପରମ୍ପରା ପାଳନ କରାଯାଇଛି । ଯାହାକି ମାତୃଭୂମି ପ୍ରତି ଥିବା ଏହାର ସବବ୍ୟ / ସବବ୍ୟତା, କର୍ମ କର୍ତ୍ତବ୍ୟ ଆବଶ୍ୟକତାର ପରିଚୟ ସ୍ମୃତି କରି ପାରିଛି ବୋଲି କୁହାଯାଇ ପାରିବ । ଏହି ଦିବସରେ ସଭାପତିତ୍ୱ କରି ଥିଲେ ଡିଜାଇନ ଡ୍ୟୁଟୋରିଆଲ ପ୍ରତିଷ୍ଠାତା ସଦସ୍ୟ ସୁଶାନ୍ତ କୁମାର ମହାପାତ୍ର । ଏହି କାର୍ଯ୍ୟ କ୍ରମରେ ତାଙ୍କର ସ୍ମୃତି ଉଦ୍ଦେଶ୍ୟ ରେ ୧୦୦ ଗୋଟି ଦୀପ ପ୍ରଜ୍ୱଳନ କରିବା ସହିତ ଜାତୀୟ ସଂଗୀତ ଓ ନୀରବ ପାଠନା ମଧ୍ୟ କରାଯାଇଥିଲା । ଏହା ପରେ ଶିକ୍ଷାନୁଷ୍ଠାନ ଛାତ୍ର/ ଛାତ୍ରୀ ତଥା - ବେଦବିଦା ଶପଥୋ, ପୁଷ୍ପଜଳା ଦେବେରା, ବୁଦ୍ଧିରଞ୍ଜନ ମହାପାତ୍ର, ଅଜିତା ଧୀର, ପରେଶ ସୁହାଶ ଆଦି ନିଜର ଏହି ଦିବସ ପାଳନ କରିବାର ମହତ୍ୱ ବିଷୟରେ ନିଜର ମତ ପ୍ରକାଶ କରି ଥିଲେ । ପରିଶେଷରେ ଚୃଷ୍ଣର ସମ୍ପାଦକ ଶ୍ରୀ ମହାପାତ୍ର ନିଜର ଆଭିମୁଖ୍ୟ ରଖି ଏହି କାର୍ଯ୍ୟ କ୍ରମକୁ ସମାପ୍ତି ଘୋଷଣା କରିଥିଲେ ।

୧୭୭ ଲିଟର ଚୋରା ଦେଶୀ ମଦ ସହିତ ୭ ଗିରଫ

ଭୋଗରାଇ, ୧୪/୦୨ (ଆ.ପ୍ର) :ବାଲେଶ୍ୱର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶର୍ମାଙ୍କର ତତ୍ତ୍ୱାବଧାନରେ ଏବଂ ନିର୍ଦ୍ଦେଶ କ୍ରମେ ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ଜାଗାରେ ଚଢାଇ କରାଯାଇ ୧୭୭ ଲିଟର ଚୋରା ଦେଶୀ ମଦ ସହିତ ୭ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି । ଭୋଗରାଇ ଗ୍ରାମର ଅଞ୍ଚଳି ଘଡାଇ ପାଖରୁ ୧୯ ଲିଟର, ସେହି ଗ୍ରାମର ସୁଷମା ମାଝୀ ପାଖରୁ ୨୪ ଲିଟର, ଜାନକୀ ଦେହେରା ପାଖରୁ ୨୨ ଲିଟର, ଅଞ୍ଜଳି ଦାସ ପାଖରୁ ୨୭ ଲିଟର, ଝୁମା ଭୁଇ ପାଖରୁ ୨୬ ଲିଟର, ବରବରିଆ ଗ୍ରାମର ଗଙ୍ଗାଧର ସିଂ ପାଖରୁ ୩୦ ଲିଟର, ସେହି ଗ୍ରାମର ଗୀତା ସିଂ ପାଖରୁ ୨୯ ଲିଟର ଚୋରା ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ । ଏନେଇ ଅବକାରୀ ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି । ଏହି ତଦ୍‌ନ୍ତରେ ଆଇଆଇସି ଦେବେନ୍ଦ୍ର ଦେହେରା, ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଳ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, ତପସ୍ୱିନୀ ଭାଟିଆ, କନଷ୍ଟେବଳ ବ୍ରହ୍ମାଚିତ ଦାସ, ବାସୁଦେବ କାମିଲା, ଅନୀଲ ପଣ୍ଡାଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ ।

ରାଜକୁମାର କିରେଣ୍ଦ୍ରେ ମର୍ଦ୍ଦରାଜ ହରିଚନ୍ଦନଙ୍କ ଦେହାନ୍ତ



ନୀଳଗିରି, ୧୪/୦୨ (ଆ.ପ୍ର) : ନୀଳଗିରି ରାଜପରିବାର ର ୩୭ତମ ତଥା ଶେଷରାଜା କିଶୋରଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ୧୯୪୭ ମସିହାରେ ଜନ୍ମିତ କନିଷ୍ଠପୁତ୍ର ରାଜକୁମାର କିରେଣ୍ଦ୍ରେ ମର୍ଦ୍ଦରାଜ ହରିଚନ୍ଦନଙ୍କ ୮୦ବର୍ଷ ବୟସରେ ପରଲୋକ ଗତି ହୋଇ ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ତାଙ୍କୁ ଗତ ଗୁରୁବାର ୧୨ ତାରିଖରେ ବାଲେଶ୍ୱର ଫକୀରମୋହନ ମେଡିକାଲକଲେଜରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଅଜାଳ ବିୟୋଗ ଘଟିଛି । ସେ ଜଣେ ଧର୍ମପରାୟଣ, ମୋଳାଧି ବ୍ୟକ୍ତିଭାବେ ପରିଚିତ ଥିଲେ । ଜୀବନକାଳ ଭିତରେ ଲୋକଙ୍କସେବାରେ ଜୀବନ ବିତାଇଥିବା ରାଜକୁମାର ନୀଳଗିରି କେ ସି ହାଇସ୍କୁଲରେ ଶିକ୍ଷାପ୍ରାପ୍ତ କରିଥିଲେ । ପରେ କଲେଜଶିକ୍ଷା ସମାପ୍ତିପରେ ରାଜଘରଣାଳରେ ସ୍ୱାସ୍ଥ୍ୟବିଭାଗରେ ଚାକିରି କରିଥିଲେ । ଚାକିରି ଜୀବନ ସମୟରେ ନିଜର କର୍ତ୍ତବ୍ୟ,ସମୟାନୁବର୍ତ୍ତିତା ସହିତ ଲୋକଙ୍କ ସ୍ୱାସ୍ଥ୍ୟସେବା ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ଏଥିସହ ବନ୍ୟପ୍ରାଣୀଙ୍କୁ ଭଲ ପାଇଥିବାରୁ ତାଙ୍କର ଜ୍ଞୋଷ୍ଠପୁତ୍ର ପ୍ରକାଶ ମର୍ଦ୍ଦରାଜ ମଧ୍ୟ ପିତାଙ୍କ ପଥଅନୁସରଣ କରି ଏମାନେ ଭାବେ କାର୍ଯ୍ୟକରିଛନ୍ତି । ତାଙ୍କର ଅଜାଳ ବିୟୋଗରେ ରାଜପରିବାରରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିବାବେଳେ ତାଙ୍କର ଅନ୍ତିମଯାତ୍ରାର ନୀଳଗିରି ରାଜବାଟିରେ ସମ୍ପନ୍ନ ହୋଇଅଛି । ସାନପୁଅ ବିକାଶ ମର୍ଦ୍ଦରାଜ ମୁଖାଗ୍ନି ଦେଇଛନ୍ତି ।

ଦେଶୀ ଓ ବିଦେଶୀ ମଦ ଜବତ, ୫ଜଣ ଗିରଫ

ସିମୁଳିଆ, ୧୪/୦୨ (ଆ.ପ୍ର) : ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଦ୍ୟୁମ୍ନ ସାମଲ ଏବଂ କର୍ମଚାରୀ ମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ କଳସପୁର, ପରମେଶ୍ୱରପୁର ଓ ବରପଡ଼ିଆ ଛକ ଏବଂ ଖଇରା ଥାନା ଅନ୍ତର୍ଗତ କଇଥପଡ଼ିଆ ଗ୍ରାମରେ ଚଢ଼ାଇ କରାଯାଇ ୧୪୦ ଲିଟର ଦେଶୀ ଗନ୍ଧା ମଦ ଓ ୦୯ ଲିଟର ବିଦେଶୀ ମଦ ଜବତ କରାଯିବା ସହିତ କଳସପୁର ଗ୍ରାମର ପ୍ରଭାକରୀ ମିଶ୍ର ଓ ଫଟାକନ୍ଦ ମହାକୁଡ଼, ପରମେଶ୍ୱରପୁର ଗ୍ରାମର ପ୍ରଶାନ୍ତ ଜେନା, ଅବକୁଣ୍ଡା ଗ୍ରାମର ସରୋଜ ଦେବେରା ଏବଂ କଇଥପଡ଼ିଆ ଗ୍ରାମର ଗୁଡ଼ିବ କୁମାର ସିଂଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଭକ୍ତ ବଡ଼ାଲରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ବୀରୀଜା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରମୁଖ ଟିମରେ ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୫ଗୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି ।

ଓୟୁଜେ ପକ୍ଷରୁ ପୁଲୱାମା ଶହୀଦ ଦିବସ ପାଳିତ

ବାଲେଶ୍ୱର, ୧୪/୦୨ (ଆ.ପ୍ର) : ଓଡ଼ିଶା ସାମ୍ବାଦିକ ୟୁନିଅନ୍, ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ପୁଲୱାମା ଶହୀଦ ଦିବସ ପାଳିତ ହୋଇଯାଇଛି । ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବୀର ଶହୀଦଙ୍କ ପ୍ରତି ସାମୂହିକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଶହୀଦ ପାର୍କ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୟୁନିଅନର ସଭାପତି ଗଙ୍ଗାଧର ରାଉତ ଅଧ୍ୟକ୍ଷତା କରିଥିଲେ । ଶ୍ରୀ ରାଉତ କହିଲେ ଯେ, ୨୦୧୯ ଆଜିର ଦିନରେ ସୀମାନ୍ତରେ ଦେଶ ମାତୃକାଙ୍କୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ପାଇଁ ଜୀବନ ବଳିଦାନ କରିଥିବା ସିଆରପିଏଫ ଯବାନ ମାନଙ୍କୁ ଯୋଉଳି ସନ୍ତ୍ରାସବାଦୀ ମାନେ ବିସ୍ଫୋରଣ ରେ ଶତ୍ରୁତା ଦେଖେଇ ଥିଲା ଅତ୍ୟନ୍ତ ନିନ୍ଦନୀୟ ଓ ବର୍ବରୋଚିତ । ଆମ ଦେଶ ସମେତ ସମଗ୍ର ବିଶ୍ୱ ଏହି ଘଟଣାକୁ ତୀବ୍ର ନିନ୍ଦା କରିଥିଲା । ଦେଶରେ ଭାଲେଂଟାଇନ ଦିବସ ପାଳନ ହେଉଥିବା ବେଳେ ଏହାର ସୁଯୋଗ ନେଇ ସାମାନ୍ତରେ ଏଭଳି ନରସଂହାର ଘଟଣା ସଂପର୍କରେ ଯୁବ ସମାଜକୁ ଜାଗ୍ରତ କରିବା ହେଉଛି ଆମର ଲକ୍ଷ୍ୟ ବୋଲି ଶ୍ରୀ ରାଉତ କହିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ଆମ ଦେଶର ବୀର ଯବାନଙ୍କ ବୀରତ୍ୱ ସାହସ ଓ ଦେଶପ୍ରେମ୍ର ଅବିସ୍ମରଣୀୟ ବୋଲି କହିଥିଲେ । ମୀ ସେନାର ମନୋବଳ ବୃଦ୍ଧି ପାଇଁ ସମଗ୍ର ଦେଶ ସର୍ବଦା ସେନା ବହିନୀ ପକ୍ଷରେ ରହିଛି ବୋଲି ସେ କହିଛନ୍ତି । ୟୁନିଅନର ଗାଇନ ସଭାପତି ହାଇଦର ଖାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ଗାଣ, ମହେଶ୍ୱର ପ୍ରଧାନ, ଭବବୋଧନ ବେହେରା ଓ ଅଜିମ୍ ବାଲେଶ୍ୱରୀ ଶହୀଦଙ୍କ ଉଦ୍ଦେଶ୍ୟରେ ସାଏରି ଗାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ଅଜିତ କୁମାର ମାଳୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବାସ, ସୋମନାଥ ସାହୁ, ଚିତରଞ୍ଜନ ନାୟକ,ଅମୃତ ନାରାୟଣ ମାଳୀ ପ୍ରମୁଖ ଯୋଗଦେଇଥିଲେ ।

ଭୂଷଣ୍ଡେଶ୍ୱରରେ ଜଳିବ ଲକ୍ଷେ ଦ୍ୱୀପ

ଭୋଗରାଇ, ୧୪/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ ଭୋଗରାଇ ବ୍ଲକ କୁମ୍ଭୀରଗଡ଼ି ସଂଚାୟତ ପାଖି ଅଂଚଳରେ କହିଁ କେଉଁ କାଳରୁ ମୂଢ଼ାପାଇ ଆସୁଛନ୍ତି ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ମହାଦେବ । ଏଠାକୁ ଖାଲି ଓଡିଶାରୁ ନୁହେଁ ପଶ୍ଚିମବଙ୍গ, ଝାଡ଼ଖଣ୍ଡ, ବିହାର ଅଂଚଳରୁ ଶହ ଶହ ଶ୍ରଦ୍ଧାଳୁ ଆସନ୍ତି ପୂଜାର୍ଚ୍ଚନା ସହିତ ନିଜର ମନସ୍କାମନା ପୂରଣ ପାଇଁ । ବାବା ବି ଏତେ ଦୟାଳୁ ଯେ ଭକ୍ତ ଚାହିଁ ମନସ୍କାମନା ପୂରଣ କରିଥାନ୍ତି । ଭୋଗରାଇର ସମସ୍ତ ଶୈବ ପୀଠରେ ପାଳିତ ହେଉଥିବା ବିଭିନ୍ନ ପର୍ବ ମାନଙ୍କ ମଧ୍ୟରେ ଜାଗର ଅନ୍ୟତମ । ଚଳିତ ବର୍ଷ ଅନ୍ୟ ଶୈବପୀଠ ପରି ବାବା ଭୂଷଣ୍ଡେଶ୍ୱରଙ୍କ ପୀଠରେ ଜାଗର ଯାତ୍ରା ବା ମହା ଶିବରାତ୍ରି ମହା ଧୂମଧାମରେ ପାଳନ ହେଉଛି ଏଥିପାଇଁ ଭୋଗରାଇ ପ୍ରଶାସନ, ମନ୍ଦିର ଟ୍ରଷ୍ଟ ଓ ସେବାୟତ ମାନଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଭକ୍ତ ମାନଙ୍କ ପାଇଁ ବ୍ୟାରିକେଡ୍ ସାହାଯ୍ୟରେ ଧାଡ଼ି ପୂଜାର୍ଚ୍ଚନା ସହିତ ସନ୍ଧ୍ୟା ସମୟରେ ଏକ ଲକ୍ଷ ଦ୍ୱୀପ ପ୍ରଜ୍ୱଳନ କରାଯିବାର ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଏଥି ସହିତ ଝାଡ଼ଖଣ୍ଡରୁ କଣ୍ଡଶିଙ୍ଗା ମାନଙ୍କୁ ନେଇ ରାତିତମାମ ଭଜନ ଆରତ ଅନୁଷ୍ଠିତ ହେବ । ଭକ୍ତ ମୋଳାକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବାପାଇଁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ଅନନ୍ତ ଦାସ ପାଇଣ୍ଡେଶ୍ୱରନାଥ କାର୍ଯ୍ୟକାରୀ ସଭାପତି ଜଂ. ଅଲିକିନ୍ଦ ଦାସ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହିତ ମନ୍ଦିର ପରିଚାଳନା କମିଟି ଅଂଗ ଝିଡ଼ିଥିବା ବେଳେ ସର୍ବକନିଷ୍ଠ ଭାବରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି । କମ୍ପସବର୍ଣ୍ଣ କରେ ପୌରାଣିକ ଯୁଗରେ ଲଙ୍କା ପତି ରାବଣଙ୍କ ମାଆ ନିଜସ୍ୱ ଭଗବାନ ଶିବଙ୍କର ବଡ଼ ଭକ୍ତଥିଲେ । ସେ ସବୁଦିନ ବାଲୁକାରେ ଶିବଲିଙ୍ଗ ତିଆରି କରି ପୂଜା ପାଠ କରୁଥାନ୍ତି । ମାତ୍ର ସମୁଦ୍ର କୁଆରରେ ବାଲୁକାରେ ତିଆରି ଶିବ ଲିଙ୍ଗଟି ଲୀନ ହୋଇଯାଉଥାଏ । ଏକଥା ରାବଣ ଜାଣିପାରି ଶିବଙ୍କ ବରଦାନ ପାଇ ହିମାଳୟରୁ ଶିବଲିଙ୍ଗ ଧରି ଫେରୁଥିଲେ । କିନ୍ତୁ ସର୍ତ୍ତ ଥିଲା ଲଙ୍କାରୁ ଫେରିବା ରାସ୍ତାରେ ଶିବଲିଙ୍ଗ ରଖିବେ ନାହିଁ । ହେଲେ ସେକଥାକୁ ରାବଣ ପାସୋରି ଦେଇ ଥିଲେ । ତାଙ୍କୁ ଜୋରରେ ପରିସ୍ରା ଲାଗିବାରୁ ଲିଙ୍ଗଟି ରଖି ଶୌଚ ହୋଇଥିଲେ । ପରେ ସେତେବେଳେ ଲିଙ୍ଗଟି ଉଠାଇବାକୁ ଚେଷ୍ଟା କଲେ ସେତେବେଳେ ତାଙ୍କୁ ଆକାଶ ବାଣୀ ହେଲା ଯେ ସର୍ତ୍ତ ଅନୁଯାୟୀ ମୋତେ ସେଇଠି ମାଟିରେ ରଖିଦୁ ସେଠାରେ ମୁଁ ରହିଯିବି । ଯାହା ଅଧୁନା ଭୋଗରାଇ ବ୍ଲକ କୁମ୍ଭୀରଗଡ଼ି ନାମରେ ବିଖ୍ୟାତ । ସେଠାରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ପାଇଁ ସେଠାରେ ଯାତ୍ରୀନିବାସ ସହିତ ପାରିପାର୍ଶ୍ୱିକ ଆଲୋକୀକରଣ, ପାନୀୟ ଜଳର ବ୍ୟବସ୍ଥା ତଥା ସର୍ବୋପରି ଭୂଷଣ୍ଡେଶ୍ୱର ମନ୍ଦିର ଜୀର୍ଣ୍ଣ କରଣର ଆବଶ୍ୟକତା ରହିଛି ।

ଗଙ୍ଗାଧର ମେହେର ଋଷି କବି ଅଟନ୍ତି : ପଦ୍ମଶ୍ରୀ ହଳଧର ନାଗ



ନୀଳଗିରି, ୧୪/୦୨ (ଆ.ପ୍ର) : ପ୍ରତ୍ୟେକ ମଣିଷ ଅମୃତର ସନ୍ଧାନ । ଗଙ୍ଗାଧର ଓଡିଆ ସାହିତ୍ୟରେ ଏକ ଆଲୋକ ବର୍ତ୍ତିକା । ମେହେର କବିଙ୍କ ଚିତ ସର୍ବଦା ପୁରାଣମୁଖୀ , ଇତିହାସ ସହିତ ତାର କୌଣସି ଯୋଗସୂତ୍ର ନାହିଁ । ଗଙ୍ଗାଜାତ ଗଙ୍ଗାଧରଙ୍କ ଭାବ ନିବେଦନ ସର୍ବଦା ବିସ୍ମୟକର । ବିଷୟ ବର୍ଣ୍ଣନରେ ସମ୍ପୂର୍ଣ୍ଣତି ଓ ଲାଳ୍ୟପୌରାଣି ପ୍ରତିଷ୍ଠାରେ ଔଚିତ୍ୟବୋଧ କବିଙ୍କ ସ୍ୱତନ୍ତ୍ର ଲାବଣ୍ୟତା । ତପସ୍ୱିନୀ କାବ୍ୟରେ ଆଦର୍ଶର ଜୟଯାତ୍ରା ବାସ୍ତବର ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ । ବାସ

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୧୫ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ବ୍ୟବସ

ଅତ୍ୟନ୍ତ ଦୁଃଖର ବିଷୟ ଏହାକି ଯେଉଁମାନେ ସାମାଜିକ ପରିଚାଳନା ହେତୁ ଅର୍ଥ ଉପାର୍ଜନ କରିଥା'ନ୍ତି, ସେହିମାନେ ଭ୍ରଷ୍ଟାଚାରୀଙ୍କୁ ସମାଜର ଶୀର୍ଷ କ୍ଷେତ୍ରରେ ଅବସ୍ଥାପନ କରି ସେମାନଙ୍କୁ ପ୍ରଲୁବ୍ଧକୁ ମାନ୍ୟତା ଦେଇ ସେମାନଙ୍କ ଦ୍ୱାରା ଭ୍ରଷ୍ଟାଚାରରେ ପୀଡିତ ପ୍ରତାରିତ ବ୍ୟବସ୍ଥାକୁ ଅନୁଶୀଳନ କରିବା କ୍ଷମତା ବହିର୍ଭୂତ ମଣିଷଙ୍କୁ ସାମାଜିକ ଦାୟିତ୍ୱ ସୀମାରେଖା ନୀତିରେ ରହିଥିବା ଦର୍ଶାଯାଇ ଥାଏ । ବାସ୍ତବ କ୍ଷେତ୍ରରେ ସେହିମାନେ ନିଶ୍ଚିତ ଭାବେ ଅତ୍ୟନ୍ତ ଧନଶାଳୀ ଯେଉଁମାନେ ସାଧାରଣ ଲୋକଙ୍କୁ ଖାଦ୍ୟ, ବସ୍ତ୍ର ଯୋଗାଇ ଥା'ନ୍ତି । କିନ୍ତୁ ମଧ୍ୟବି ଏବଂ ଉଚ୍ଚାସନ ଅଭିଶିକ୍ତ ମଣିଷ କେବେ କୌଣସି ବାସ୍ତବବାଦୀ ପ୍ରାକୃତିକ କର୍ମ କରୁନଥିବା କେବେ ସେହି ନିମ୍ନରେ ରହିଥିବା ମଣିଷ ମାନଙ୍କୁ ଅଲୌକିକ ଭାବେ ଶିକ୍ଷାର କରାଳତା ସୃଷ୍ଟି କରି ଯେଉଁ ଲାଭ୍ୟ କରିଥା'ନ୍ତି ସେଗୁଡିକୁ ନିର୍ବୋଧ ବୁଦ୍ଧି ନପାରି ସେମାନଙ୍କୁ ପ୍ରଲୁବ୍ଧମୂଲ୍ୟ ମାନିଥା'ନ୍ତି । ଏହି ଭାବଧାରା ସମାଜର ଅନେକ ବର୍ଷ ପୂର୍ବେ ଆରମ୍ଭ ହୋଇ ଅବ୍ୟାବଧି ଏକ ସାମାଜିକ ନିୟମରେ ପରିଣତ ହୋଇଛି । ସତ୍ୟକୁ ଅଜ୍ଞୁପାଳରେ ରଖି ମିଥ୍ୟାବାଦୀ ଏମିତି ସାମାଜିକ ଗ୍ରିତିରେ ସାଧାରଣ ଲୋକଙ୍କୁ ନିର୍ମଜ୍ଜିତ କରି ରଖିଛନ୍ତି ଯେ ସମାଜର ସମସ୍ତ ବର୍ଗର୍ ମଣିଷ ଗୁଡିକ ଅଦ୍ୟାବଧି କେବଳ ମିଥ୍ୟବାଦୀ ଭଳି ଜୀବନ ଧାରଣ କରୁଥିବା ଦେଖିବାକୁ ମିଳୁଛି । ଭ୍ରଷ୍ଟାଚାର କେବଳ ସୀମିତ ବର୍ଗର୍ ମଣିଷଙ୍କ ଦ୍ୱାରା ପରିଚାଳିତ ଏକ ସାମାଜିକ ଗ୍ରହଣୀୟ ପ୍ରଥାରେ ପରିଣତ ଆଜି ସମ୍ବୟର କରାଳତାର ବ୍ୟାଖ୍ୟା କରିବାକୁ ଗେଲ ଭ୍ରଷ୍ଟାଚାର ବିରୋଧିଙ୍କୁ ଦେଶଦ୍ରୋହୀ ବୋଲି କହିବା ପାଇଁ ମଧ୍ୟ ପଛାଉନାହିଁ ସମାଜ । ସତ୍ୟ କେବ ଲୁଚି ରେହେନ୍ତ ବୋଲି ରହିଥିବା କିମ୍ବଦନ୍ତୀ ମଣିଷ ଦ୍ୱାରା ଘୋଷିତ କରାଯାଇଥିବା ବେଳେ ମଣିଷ ହିଁ ସତ୍ୟକୁ ଲୁଚାର ରଖି ପାରୁଥିବା ପ୍ରତିଭାବାନ ସମ୍ପାଦଶାଳୀ ଲାରବଂଶୀଙ୍କ ମହାନତାର ଦୃଷ୍ଟିଭଙ୍ଗୀ ଏକ ଭିନ୍ନ ସ୍ତରରେ ଦେଖିବାକୁ ମିଳୁଛି ଆମ ସମାଜରେ । କହିବାକୁ ଗେଲ ସତ୍ୟକୁ ମିଥ୍ୟା ଓ ମିଥ୍ୟାକୁ ସତ୍ୟ ସାବ୍ୟସ୍ତ କରି ଜନମାନସରେ ଗ୍ରହଣୀୟତା ସୃଷ୍ଟି କରାଯାଇ ସାମାଜିକ ବ୍ୟବସ୍ଥାରେ ବ୍ୟାପକ ଅମାନବୀୟ ଚରିତ୍ର ପ୍ରବାହ କରାଯାଇଥିବା ଘଟଣାବଳୀ ସମୂହରେ ପ୍ରତ୍ୟକ୍ଷ ଭାରିବାଦୀତା କରୁଥିବା ସାନ୍ଧିଧାନିକ, ନ୍ୟାୟୀକ ବ୍ୟବସ୍ଥା ଆମ ଦେଶରେ ସ୍ୱୟଂ ସମ୍ପର୍ଣ୍ଣ ସବୋଚ୍ଚ କ୍ଷମତାଧାରୀ କରର ସ୍ଥାନ ଏକ ଉଲ୍ଲେଖନୀୟ ସ୍ତରରେ ରହିଥିବା ବୁଝି ହୁଏ । ଇତି ମଧ୍ୟରେ ଦେଶକୁ ଖାଦ୍ୟ, ବସ୍ତ୍ର, ବାସସ୍ଥାନ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଠାରୁ ଆରମ୍ଭ କରି ଅତ୍ୟନ୍ତ ସୌଖିନ ଜିନିଷ ହେଉଛି ଜୀବନ ରକ୍ଷଣ ଔଷଧ ପର୍ଯ୍ୟନ୍ତ ମୂଳ ପ୍ରସ୍ତୁତ ଏବଂ ବ୍ୟାପ୍ତ ବିତରଣ କରିବାରେ ବାସ୍ତବ, ସତ୍ୟ ଉପରେ ଆଧାରିତ କର୍ମ କରୁଥିବା କୃଷକ, ଶ୍ରମିକ ଏବଂ ବହନ ଜଳ ସମୂହଙ୍କୁ ସମାଜର ସର୍ବ ନିମ୍ନରେ ସ୍ଥାପନ କରି ଅପ୍ରାକୃତିକ ମନୁଷ୍ୟକୃତ ନିମ୍ନ ଆବଶ୍ୟକ ସାମାଜିକ କାମରେ ଲିପ୍ତ ମଧ୍ୟବର୍ତ୍ତୀ, ଧନଶାଳୀ ମଣିଷ ସମୂହଙ୍କୁ ସାମାଜିକ ଶୀର୍ଷ ସ୍ଥାନିତ କରିବାରେ କେବଳ ସାନ୍ଧିଧାନିକ, ନ୍ୟାୟୀକ ବ୍ୟବସ୍ଥା ହିଁ ଆଇନ ପ୍ରଣୟନ କରି ରଖିଥିବା ମମର୍ଶର୍ଣ୍ଣ ବିଷୟରେ କୌଣସି ବିସ୍ତୃତ ବାସ୍ତବବାଦୀ ସମୀକ୍ଷା ହେଉନାହିଁ । ସାମାଜିକ ସ୍ତରରେ ରହିଥିବା ସମସ୍ତ ଇଂରେଜ ବ୍ୟବସ୍ଥିତ କାର୍ଯ୍ୟାନ୍ୱୟ ସେମତ ମଧ୍ୟବିଭ ପରିବାର ଲିପ୍ତ ରହିଥିବା ବ୍ୟବସାୟ ହେଉଛି ଭଳ ସ୍ତରରେ ଅଥୁର୍ଣ୍ଣ ଖେଳ କରି ଲୋକଙ୍କ ଅର୍ଜିତ ଧନକୁ ଲୁଟି ବୋଲାଉଥିବା ଧନୀକ ପରିବାର ଗୁଡିକ ସମାଜର ନଗଛିଲେ ମଧ୍ୟ ସମାଜ ଚଳିବାରେ କୌଣସି ବାଧକତା ଉଦିବ ନାହିଁ ଯେପର୍ଯ୍ୟନ୍ତ ରାଷ୍ଟ୍ରର କୃଷକ, ଶ୍ରମିକ, ବାହାନ ଚାଳକ ସକ୍ରିୟ ଅଛନ୍ତି । କେବେ ସେମାନଙ୍କ ଆହାରକୁ ହତପ କରି ନିଜ ଜୀବନ ବଂଚାଉଥିବା ଏବଂ ତାହାଠାରୁ ଶତଗୁଣରେ ଭ୍ରଷ୍ଟାଚାର କରି ଆତ୍ମସାତ କରୁଥିବା ଭ୍ରଷ୍ଟାଚାରୀଙ୍କ କୌଣସି ସମୀକ୍ଷା ନାହିଁ କି ଦଣ୍ଡ ବିଧାନ ବିହୀନ ସମାଜର ନିର୍ବୋଧ, ଆଜିକନ ପ୍ରତାରିତ ହୋଇ ରହୁଥିବା ଅତ୍ୟନ୍ତ ଦୁଃଖ, କ୍ଷୋଭର ବିଷୟ ପ୍ରତି କାହାର ନଜର ନାହିଁ । ସାଧାରଣ ଅଜ୍ଞାନ, ନିର୍ବୋଧ ନିଜକୁ ଜୀବନ ସାରା ଜାଳି ଜାଳି ସେହି ତଥାକଥିତ ମଧ୍ୟବିତ, ଧନୀକ ଶ୍ରେଣୀର ଲୋକଙ୍କ ଖୋଳିରେ କିଛା ପ୍ରଦାନ କରି ସେମାନଙ୍କୁ ବିଶ୍ୱକ ସ୍ତରରେ ରଖୁ ତାହାର ବିପରୀତ ନଚିଜିହିଁ ଜିକାରୀର ପରିବେଷ ସୃଷ୍ଟି କରିଥା'ନ୍ତି କେବେବେଳେ କାହାଠାରୁ କିଞ୍ଚିତ ଦାନ, ସାହାଯ୍ୟ ଆକାରରେ ଗ୍ରହଣ କରି । ସେମାନଙ୍କୁ ସଚେତନ କରାଯିବା କିମ୍ବା ସତ୍ୟକୁ ପ୍ରକଟ କରି ସେମାନଙ୍କ ପ୍ରକୃତ ସାମାଜିକ ସ୍ଥିତି ବିଷୟରେ ଜ୍ଞାତ କରିବା ସମାଜ ସେବକ, ସୁଧାରକ ନାହାନ୍ତି ଆମ ସମାଜରେ ।

ଆମ ପରମ୍ପରାରେ ଶିବରାତ୍ରୀର ମାହାତ୍ମ୍ୟ

॥ ରୀତା ସ୍ୱାଇଁ ॥

ଶିବଙ୍କ ପ୍ରିୟ ଚତୁର୍ଦଶୀ ଯାତ୍ରା ମଧ୍ୟରୁ ଶିବ ଚତୁର୍ଦଶୀ ସର୍ବଜନବିଦିତ ଓ ମାଘସପ୍ତମୀ ପରେ ଏହା ଶିବଙ୍କ ଶ୍ରେଷ୍ଠ ଉତ୍ସବ । ଶିବଭକ୍ତକାରୀ ନରନାରୀମାନେ ଏହି ଫାଲଗୁନ କୃଷ୍ଣ ଚତୁର୍ଦଶୀ ଦିନ ରାତିସାରା ଭଜାଗର ରହୁଥିବାରୁ ଏହା 'ଜାଗର' ଅମାବାସ୍ୟା ନାମରେ ମଧ୍ୟ ନାମିତ ।

ଏହିଦିନ ମହାଦେବଙ୍କୁ ଦୁଧ ଏବଂ ପଂଚାମୃତରେ ସ୍ନାନ କରାଯାଏ । ସାରାଦିନ ଓ ସାରାରାତି ଶିବଙ୍କୁ କ୍ଷୀର ଓ ଜଳରେ ଅଭିଷେକ କରାଯାଇ ବେଲପତ୍ର, ଅରୁଆଚାଉଳ, ଫୁଲ ଆଦିରେ ପୂଜା କରାଯାଏ । ମୁଖ୍ୟତଃ କ୍ଷୀର, ଗୁଡ଼, ନଡ଼ିଆ, କଦଳୀ ଭୋଗ ସମର୍ପଣ କରାଯାଏ । ସାରାରାତି ଶିବ ଭକ୍ତମାନେ ଜାଗାର ରହି ଶିବଚରିତ କଥା ଶ୍ରବଣ କରନ୍ତି । ପାଛାରା ପ୍ରହରାରୁ ମନ୍ଦିର ଉପରକୁ ଦୀପ ଲଉଟେ । ଏହାକୁ ମହାଦୀପ କହନ୍ତି । ମହାଦୀପ ଉଠିବା ପରେ ଭକ୍ତଗଣ ଶିବଙ୍କ ପାଦୋଦକ ପାଇଥାନ୍ତି ଏବଂ ପଂଚାମୃତ ସେବନ କରିଥାନ୍ତି । ଶିବ ଉପାସକମାନେ ଶିବରାତ୍ରିକୁ ସାଧାରଣତଃ ଚାରି ପ୍ରହରରେ ଭାଗ କରିଥାଆନ୍ତି । ପ୍ରଥମ ପ୍ରହରରେ ଶୀତ ଦ୍ୱାରା ଶିବଙ୍କୁ ସ୍ନାନ କରାଯାଏ, ଦ୍ୱିତୀୟ ପ୍ରହରରେ ଦହି, ତୃତୀୟ ପ୍ରହରରେ ଘିଅ ଓ ଚତୁର୍ଥ ପ୍ରହରରେ ମଧୁରେ ସ୍ନାନ କରାଯାଏ । ପରଦିନ ପ୍ରଭାତରେ ସର୍ବପ୍ରଥମେ ବ୍ରହ୍ମାଙ୍କୁ ନୈବେଦ୍ୟ ସେବନ କରାଇବା ପରେ ବ୍ରତ ସାଙ୍ଗ କରାଯାଇଥାଏ ।

ଏହିଦିନ ହିଁ ନିରାକାର ଶକ୍ତି ଏକ ସ୍ୱରୂପରୂପେ ପ୍ରକଟ ହୋଇଥିଲେ, ଯାହାଙ୍କୁ ସଂସାର ଦେବାଧିଦେବ ମହାଦେବ ଲିଙ୍ଗରୂପୀ ଶିବଶଙ୍କର ନାମରେ ଜାଣେ । ଭଗବାନ ବ୍ରହ୍ମା, ବିଷ୍ଣୁଙ୍କ ଶ୍ରେଷ୍ଠତାର ଢର୍କି ମଧ୍ୟରେ ଅବସ୍ଥାପ୍ତ ଏକ ଜ୍ୟୋତିର୍ମୟ ସ୍ତମ୍ଭ ପ୍ରକଟ ହୋଇଥିଲା । ପୁଣି ସେହି ସ୍ତମ୍ଭ ଏକ ଲିଙ୍ଗରୂପେ ପରିବର୍ତ୍ତିତ ହୋଇଥିଲା । ସେହି ଲିଙ୍ଗ ହିଁ ଭଗବାନ ଶିବଙ୍କ ବାସ୍ତବିକ ସ୍ୱରୂପ ଅଟେ । ଅର୍ଥାତ୍ ଫାଲଗୁନ ମାସର ଶିବରାତ୍ରିରେ ଭଗବାନ ଶିବ ପ୍ରଥମ ଶିବଲିଙ୍ଗରୂପେ ଅବତରିତ ହୋଇଥିଲେ ।

ଯେତେବେଳେ ବ୍ରହ୍ମା ସୃଷ୍ଟି ନିର୍ମାଣ କରିବାରେ ଅସଫଳ ହେଲେ, ସେତେବେଳେ ସେ ନିର୍ଭୁଲ ବ୍ରହ୍ମ ସଦାଶିବଙ୍କ ଉପାସନା କଲେ । ବ୍ରହ୍ମାଙ୍କ ଉପାସନାରେ ସନ୍ତୁଷ୍ଟ ହୋଇ ପରମପିତା ଶିବ ବ୍ରହ୍ମାଙ୍କ ଭ୍ରୂକୁଟିରୁ ଭଗବାନ ଶଙ୍କରଙ୍କ ରୂପରେ ଆବିର୍ଭୂତ ହେଲେ, ତୃତୀୟନେତ୍ର ମଧ୍ୟଭାଗରେ ସେ ବାଷ୍ପତ ନୃତ୍ୟ ଓ ମୁଦଙ୍ଗ ନାଦରେ ସତ୍ୱଗୁଣ ପ୍ରଧାନ ସୃଷ୍ଟି ରଚନା କାର୍ଯ୍ୟ ପ୍ରାରମ୍ଭ କଲେ । ସୃଷ୍ଟିର ଅନ୍ତ ବା ପ୍ରଳୟକାଳରେ ତାମସିକ ପ୍ରବୃତ୍ତିକୁ ବୃତ୍ତ କରିବାଇଁ ମହାକାଳ ଶିବ ରୁଦ୍ର ରୂପ ଧାରଣକରି ଏହିଦିନ ସନ୍ଧ୍ୟା ସମୟରେ ଭୟଙ୍କର ନୃତ୍ୟକରି ସମସ୍ତ ବ୍ରହ୍ମାଣ୍ଡକୁ ନିଜର ତୃତୀୟ ନେତ୍ରର ଜ୍ୱାଳାରେ ଭସ୍ମ କରିଦିଅନ୍ତି । ଏଥିପାଇଁ ଏ କାକରାତ୍ରିକୁ ମହାଶିବରାତ୍ରି କୁହାଯାଏ । ଶିବପୁରାଣରେ ଉଲ୍ଲେଖ ଅନୁସାରେ ଏହିଦିନ ଭଗବାନ ଶଙ୍କର ଓ ଦକ୍ଷକନ୍ୟା ସତୀଙ୍କ ବିବାହ ହୋଇଥିଲା ।

ଜଗତର ମଙ୍ଗଳ କରିବା ପାଇଁ ଆଜିର ଦିନରେ ଦେବଦେବ ମହାଦେବ ସମୁଦ୍ର ମନ୍ଥନରୁ ଉତ୍ପନ୍ନ ହୋଇଥିବା ରସହି ହଳାହଳ ବିଷକୁ ପାନ କରିଥିଲେ । ଯେଉଁ ବିଷକୁ ପାନ କରିବା ପରେ ଶିବ ପାଲଟିଯାଇଥିଲେ ନୀଳକଣ୍ଠ । ସେଥିପାଇଁ ତାଙ୍କ ନାମ ନୀଳକଣ୍ଠ । ଶିବ ବିଷକୁ ସଞ୍ଚାନରେଖେ ମୂର୍ଚ୍ଛିତ ହୋଇଛନ୍ତି । ସାରାରାତି ମାଆ ପାର୍ବତୀ ପ୍ରଦତ୍ତ ଜଳାଇ ଭଜାଗର ହୋଇଛନ୍ତି । ଆଜିଦିନରେ ଯେତେବେଳେ ପ୍ରଭୁ ଦେବଦେବ ମହାଦେବ ଭୋଳାନାଥ ଉଠିଛନ୍ତି, ଯାହାକୁ ମହାଦୀପ ନାମରେ ନାମିତ କରାଯାଇଛି, ଯାହାକୁ ଶିବଙ୍କ ଜାଗ୍ରତ ବା ଶିବରାତ୍ରି ବୋଲି କହନ୍ତି । ସେଥିପାଇଁ ସେହିଦିନ ସମସ୍ତେ ଜାଗ୍ରତ ରୁହନ୍ତି, ତେଣୁ ଶିବରାତ୍ରି ଜାଗର ବୋଲି ଆଜିଦିନରେ ଆମେମାନେ ପାଳନ କରୁ । ଯେଉଁମାନେ ଆଜି ଶିବରାତ୍ରିରେ ଉପବାସ ରହନ୍ତି ସେମାନେ ଯଥେଷ୍ଟ ପୁଣ୍ୟର ଅଧିକାରୀ ଓ ଶିବଙ୍କ କୃପାପ୍ରାପ୍ତି କରନ୍ତି ।

ଏକଦା ବ୍ରହ୍ମା ଓ ବିଷ୍ଣୁଙ୍କ ମଧ୍ୟରେ ଘୋର ମତଭେଦ ସୃଷ୍ଟି ହୋଇଥିଲା ଯେ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ କିଏ । ବ୍ରହ୍ମା କହିଲେ ମୁ ବିଷ୍ଣୁ କହିଲେ ମୁଁ ଶ୍ରେଷ୍ଠ । ସେମାନଙ୍କର ବିବାଦ ଏତେ ବଢ଼ିଗଲା ଯେ ମହାଦେବ ଶିବଶଙ୍କର ଅଗ୍ନିସ୍ତମ୍ଭ ହୋଇ ପ୍ରକଟ ହୋଇଥିଲେ । ଯାହାକୁ ଜ୍ୟୋତିର୍ଲିଙ୍ଗ ସ୍ୱରୂପ ମହାଦେବ କୁହାଯାଏ । ସେ କହିଲେ ଯିଏ ପ୍ରଥମେ ମୋର ଆଦି ଏବଂ ଅନ୍ତ ବିଷୟରେ ପତା ଲଗାଇବ ସେ ହିଁ ଶ୍ରେଷ୍ଠ । ବିଷ୍ଣୁ ନିରୁପାୟ ହୋଇ ହାତଯୋଡ଼ି କହିଲେ ପ୍ରଭୁ ସେ ଶିଖାକୁ କିଏ ମାପିବ, ତାହା ଶିବଙ୍କଠାରୁ ସୃଷ୍ଟି । କିନ୍ତୁ ବ୍ରହ୍ମା ମିଥ୍ୟାର ଆଶ୍ରୟନେଇ କୁନ୍ଦଶିଖାକୁ ମାପିଦେଇଛି ବୋଲି କହି ପ୍ରମାଣସ୍ୱରୂପେ କେତକୀଫୁଲ ସାକ୍ଷୀ ବୋଲି ମହାଦେବଙ୍କୁ କହିଲେ । ତ୍ରିକାଳଦର୍ଶୀ ମହାଦେବ ସେହି ଫୁଲକୁ ଅଭିଶାପ ଦେଲେ ଯେ ସେ କୌଣସି ଦେବପୂଜାରେ ଲାଗିବ ନାହିଁ । କେତକୀଫୁଲ ନେତୃତ୍ୱ ହେବାରୁ ମହାଦେବ କେବଳ ମହାଶିବରାତ୍ରୀରେ ପୂଜା ପାଇଁ ଆଶୀର୍ବାଦ କଲେ । ବ୍ରହ୍ମା କେଉଁଠି ପୂଜା ପାଇବେ ନାହିଁ ବୋଲି ମହାଦେବ ଅଭିଶାପ ଦେଲେ । ବ୍ରହ୍ମା ମିଥ୍ୟାକହି ନିଜର ଭୁଲ୍ ବୁଝିପାରିବାରୁ ମହାଦେବ ସନ୍ତୁଷ୍ଟ ହୋଇ କହିଲେ-ଶିବରାତ୍ରୀ ସମୟରେ ଭାରତବର୍ଷର ତୀର୍ଥଗୁଡ଼ୁ ପୁଷ୍କରରେ ଯେତେବେଳେ ପୁଷ୍କରମେଳା ହେବ ତୁମକୁ ସମସ୍ତେ ପୂଜା କରିବେ । ସାରାବର୍ଷ ପୂଜା ନହେଲେ ମଧ୍ୟ ଯେ ପୁଷ୍କରମେଳା ସମୟରେ ତୁମକୁ ପୂଜା କରିବ ସେ ନିଶ୍ଚିତଭାବେ ତାର ମନୋବାଞ୍ଛିତ ଫଳ ଲାଭକରିବ । ତାପରେ ଭଗବାନ ବିଷ୍ଣୁଙ୍କୁ ଅନେକ ପ୍ରଶଂସାକରି କହିଥିଲେ, "ସତ୍ୟରେ ଯେ ଜନ ଥିବ, ଅବେ ସେ ବିଷ୍ଣୁଙ୍କୁ ଲଭିବ ।" ସେଥିପାଇଁ କୁହାଯାଏ ସତ୍ୟର ପ୍ରତାକ ସତ୍ୟଂ ଶିବଂ ସୁନ୍ଦରମ୍ । ଶିବପୁରାଣରେ ବର୍ଣ୍ଣିତ ପୌରାଣିକ ଗଳ୍ପ ଅନୁସାରେ - ବୈକୁଣ୍ଠପୁରରେ ଦିନେ ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ ନାରାୟଣଙ୍କ ଦ୍ୱାରା ଉପବିଷ୍ଟ ହୋଇ ଶିବପୂଜାରେ ମନ ବଳାଇଲେ । ପ୍ରତିଦିନ ଲକ୍ଷ୍ମୀ ଭକ୍ତି ନିର୍ମଳଚିତରେ ଶତେଟି ପଦ୍ମଫୁଲରେ ଶିବପୂଜା ଆରମ୍ଭ କଲେ । ଗଣିଗଣି ପ୍ରତିଦିନ ଶହେ ପଦ୍ମଫୁଲ ମହାଦେବଙ୍କ ଶିରରେ ଲାଗି କରନ୍ତି । କ୍ରମେ ବର୍ଷେ ସମ୍ପୂର୍ଣ୍ଣ ହେଲା । ଶିବରାତ୍ରି ବା ଜାଗର ଅମାବାସ୍ୟା ସମୟ ପହଂଚିଲା । ଲକ୍ଷ୍ମୀଙ୍କର ଭକ୍ତି ଓ ବିଶ୍ୱାସ ପରୀକ୍ଷା କରିବାପାଇଁ ମହାଦେବ ଦୁଇଟି ପଦ୍ମ ହରଣ କରିବାରୁ ପଦ୍ମଫୁଲ ନାଇଁ ଶହେ ବିଶେଷ ହୋଇ ଗଲା । ପାଖରେ ବାସୀ ପରିବାରୀ କେଦିନାହାନ୍ତି ପୁଣି ପୂଜା ଅଧାରୁ ଛାଡ଼ିବେ ନାହିଁ । ଏଣୁ ସାରାରଦୁଲଣୀ ନିଜର ସ୍ତନପଦ୍ମ ଦୁଇଟିକୁ କାଟି ଶିବଙ୍କ ଶିରରେ ଚଢ଼ାଇବେ ବୋଲି ମନସ୍ଥ କଲେ । ପ୍ରଥମଷ୍ଟନ କାଟି ଶିବଙ୍କ ମସ୍ତକରେ ଲାଗିଗଲେ, ଦ୍ୱିତୀୟଟି କାଟିବାକୁ ଉଦ୍ୟତ ହେବାମାତ୍ରେ ମହାଦେବ ପ୍ରସନ୍ନହୋଇ ଦେଖାଦେଲେ ଓ ଲକ୍ଷ୍ମୀଙ୍କୁ ବରାଦେଲେ ଯେ ଉର୍ଦ୍ଧ୍ୱ ସ୍ତନପଦ୍ମ ଶିବଙ୍କ ନିର୍ଦ୍ଦେଶରେ 'ବିଲ୍ୱବୃକ୍ଷ'ରେ ପରିଣତ ହେଲା ଓ ସେଦିନଠାରୁ ଏ ବୃକ୍ଷର ପତ୍ର ବେଲ ବୋଲି ନାମିତ ହେଲା ଶ୍ରୀ (ଲକ୍ଷ୍ମୀ) ଫଳ ।

କଥିତ ଅଛି, ଦେବଦେବ ମନ୍ଦିରରେ ଦିନେ ଗୋଟେ ଚୋର ପଶିଯାଇଥିଲା । ଚୋରଟିର ଉଦ୍ଦେଶ୍ୟ ଥିଲା ଗାଁ ଲାଟିବା ପାଇଁ । ତାର ହାତ ନ ପାଇବାରୁ ଶିବଲିଙ୍ଗ ଉପରେ ଚଢ଼ିବାକାଣ୍ଡି ସେତେବେଳେ ମହାଦେବ ପ୍ରକଟହୋଇ ଚୋରକୁ ତାଙ୍କର ପରମାଳ୍ପ ବିବେଚନା କରି ବର ମାଗିବାକୁ କହିଲେ । ଲୋକଟି ନିଜକୁ ଚୋର କହିବାରୁ ଭଗବାନ ଉତରଦେଲେ- କିଏ ମୋ ଖୁସି ପାଇଁ ବେଲପତ୍ର, ଶୀତ ଓ ମହୁ ଚଢ଼ାଏ, କିନ୍ତୁ ତୁ ଆଜି ନିଜକୁ ମୋ ଉପରେ ଚଢ଼େଇ ସମର୍ପଣ କରିଦେଇଛୁ । ବଦଳିଯାଇଥିଲା ତା ଜୀବନ ।

ସେଦିନ (ଜାଗର ଦିନ) ଉପବାସରେ ଥିବା ଚିତ୍ରଭାନୁ ଶବର ଏକ ବେଲଗଛରେ ଚଢ଼ି ଶିକାର କଲାବେଳେ ପ୍ରଥମ ପ୍ରହରରେ ସେ ଶରଟିଏ ହରିଣ ଦେହରେ ନ ବାଜି ବାଜିଛି ବେଲପତ୍ରରେ ଏବଂ ସେଇ ବେଲପତ୍ର ପଡ଼ିଛି ତଳେ ଥିବା ଏକ ଶିବଙ୍କ ଲିଙ୍ଗଉପରେ । ସେହିପରି ଶରଦ୍ୱାରା ବେଲପତ୍ର ଶିବଲିଙ୍ଗ ଉପରେ ଖସି ଦ୍ୱିତୀୟ ପ୍ରହର ପୂଜା ସରିଛି । ଏମିତି ତିନିପ୍ରହର ପୂଜା ସମ୍ପନ୍ନହୋଇ ସେ ଶିବଲୋକକୁ ପ୍ରାପ୍ତି ହୋଇଛି । ଅଜାଣତରେ ପୂଜା ଶିବଙ୍କ ସହିତ ମିଳନ କରାଇଛି ।

ଜାଗର ଦିନରେ ଭଜାଗର ରହି ଗୁଆଯିଁରେ ପ୍ରଦୀପ ଜାଳିବା ଏକ ବିଶିଷ୍ଟ କାର୍ଯ୍ୟ । ବୈଜ୍ଞାନିକ କାରଣ ଦୃଷ୍ଟିରୁ ଜାଗର ଦିନ ବେଳପତ୍ର ଖାଇବା ସଂଗେସଂଗେ ପ୍ରଦୀପର ଉତାପରେ ମସ୍ତିଷ୍କ ଉଷ୍ଣ ହେବା ଫଳରେ ଜାନ୍ଦ୍ରବ ଓ ମସ୍ତିଷ୍କ ବିକୃତି ଭଲ ହୁଏ । ରାତିରେ ସକ୍ରିୟ ଥିବା ଅନେକ ପୋକଜୋକ ଆଦି ନଷ୍ଟହେବା ଫଳରେ ପରିବେଶ ଶୁଦ୍ଧ ହୋଇଥାଏ । ଶିବପୂଜା ମାଧ୍ୟମରେ ସମସ୍ତ ଅନିଷ୍ଟ ଶକ୍ତି ଧ୍ୱଂସପାଇ ଲାଭକାରକ ଶକ୍ତିର ଅଭ୍ୟୁଦୟ ହୋଇଥାଏ । ଶିବରାତ୍ରି କେବଳ ଗୋଟିଏ ରାତ୍ରିର କଥା ନୁହେଁ, ଏହା ଏକ ସାଧନା, ଏକ ତପସ୍ୟା, ଯାହାଫଳରେ ମଣିଷ ଜୀବନ ଅମୃତମୟ ଓ ମଙ୍ଗଳମୟ ହୋଇଥାଏ ।

ଖଜରା, କଳର୍ଣ୍ଣ, କଟକ
ଫୋନ୍: ୮୯୧୭୬୯୦୮୪୯

ସଫଳତାର ସୂତ୍ର

॥ ଡକ୍ଟର ସୁରେଶ କୁମାର ନାୟକ ॥

ପିଲାମାନେ ପରୀକ୍ଷା ତୁମ ମାନଙ୍କ ମୁଣ୍ଡ ଉପରେ । ଅନେକ ପିଲା ପରୀକ୍ଷାକୁ ନେଇ ଭୟଗ୍ରସ୍ତରେ ହୋଇପଡ଼ନ୍ତି ଏବଂ ଏକ ପ୍ରକାର ଭୟକୁ ସାମ୍ନା କରିଥାନ୍ତି । ବାସ୍ତବରେ ଇଏ ତ କେବଳ ତୁମ ପାଠପଢ଼ାର, ବହି ଖାତାର ପରୀକ୍ଷା । ଏ ସବୁ ପରୀକ୍ଷା ବାସ୍ତବରେ ତୁମ ମାନଙ୍କୁ ଜୀବନ ସଫଳତାର ସୂତ୍ର ଦେଖାଇଥାଏ । ଜୀବନରେ ସଫଳତା ଓ ବିଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି । ତେଣୁ ସଫଳତା ପାଇବା ପୂର୍ବରୁ ବିଫଳତାକୁ ସାମ୍ନା କରୁଥିବେ ଏଥାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ । ସଫଳତା ଦାସଲ କରିବା ଏତେ ସହଜ ନୁହେଁ । ଜେବଳ ଭାବିଲେ କିମ୍ବା ଲକ୍ଷ୍ୟ ରଖିଲେ ହେବନାହିଁ । ସେଥିଲାଗି ନିଜକୁ ଠିକ ଭାବରେ ପ୍ରସ୍ତୁତ କରିବାକୁ ପଡ଼ିବ । ଏହି ରାସ୍ତାରେ ଚାଲିବା ସମୟରେ ବିଫଳତାର ସାମ୍ନା କରିବାକୁ ପଡ଼ିଥାଏ । ତେଣୁ ସେହି ସମୟରେ ହତୋତ୍ସାହିତ ନ ହୋଇ ବୃଦ୍ଧ ମନରେ ଆଗକୁ ଆଗେଇବା ଦରକାର । ଅନେକ ସମୟରେ କେତେକ ପିଲା ବିଫଳତାରୁ ସଫଳତାର ସୂତ୍ର ପାଇଥାନ୍ତି । ଯଦି ଗୋଟିଏ କାମରେ ବିଫଳ ହେଉଛନ୍ତି ତେବେ ତାହାର କାରଣ ଖୁଜିକୁ ଭଲ ଭାବରେ ଚର୍ଚ୍ଚମା କରନ୍ତୁ । ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ ।

ସର୍ବପ୍ରଥମେ ଭାବନାର ଚେତନାକୁ ବୁଝିବନ୍ତୁ, ସଫଳତା ହାସଲ କରିବାକୁ ଆଗେଇବା ବେଳେ ନିରାଶାର ଗଳ୍ପଖାନ ହେବା କିଛି ନୂଆ କଥା ନୁହେଁ । ତେଣୁ ସେହି ସମୟରେ ଆତ୍ମବିଶ୍ୱାସ ଦୃଢ଼ ରହିବା ନିହାତି ଦରକାର । ସେତେବେଳେ ମନରେ ଅନେକ ଭାବନା ଆସିଥାଏ । ସେହି ଭାବନା ଗୁଡ଼ିକୁ ଭଲ ଭାବରେ ଚର୍ଚ୍ଚମା କରିବା ପରେ ସେଗୁଡ଼ିକୁ ଅନୁସରଣ କରିପାରନ୍ତି । ସଫଳତା ରାସ୍ତାରେ ନିରାଶ ହେବା ସମୟରେ ଆତ୍ମ ବିଶ୍ୱାସ ପ୍ରଭାବିତ ହେବା ସ୍ୱାଭାବିକ । ତେଣୁ ଏହା କିପରି ବୃଦ୍ଧ ରହିବ ନିଜକୁ ପ୍ରସ୍ତୁତ କରନ୍ତୁ ।

ସେହିଭଳି ଆମ ମାନଙ୍କୁ ପରିପାର୍ଶ୍ୱିକ ପରିସ୍ଥିତି ଅନେକ କିଛି ଶିକ

ପ୍ରାୟୋଗିକ ସମୀକ୍ଷା – ୧୯

ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ କବିତା 'ଅମୃତ ଭେଟ'

ଡକ୍ଟର ବିଶ୍ୱରଂଜନ ଦାସ

▶▶କବିତା: 'ଅମୃତ ଭେଟ'
▶▶କବି: ସେନାପତି ପ୍ରଦ୍ୟୁମ୍ନକେଶରୀ
▶▶ପ୍ରକାଶନ : 'ରେବତୀ', ଅକ୍ଟୋବର ୨୦୨୫

କବି ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ କବିତା ପଢିଲେ ପାଠକ ଆହୁ ସାମ୍ବରେ ସ୍ମରଣ ଏକ ଚଳାଣ କାଳଖଣ୍ଡକୁ ଖୋଜିଥାଏ । ତାଙ୍କର ସୃଷ୍ଟିରେ ସଂଗଠନ ପାରମ୍ପରିକ ବର୍ଣ୍ଣନା ଅପେକ୍ଷା ଶବ୍ଦ କରିଥାଏ ରସ, ଆବେଗ, ରଙ୍ଗ ଓ ସର୍ଜନ ଏକ ପୂର୍ଣ୍ଣାଙ୍ଗ ପରିଚିତ୍ର ଦେଖିବାକୁ ମିଳେ । ଆଲୋଚ୍ୟ 'ଅମୃତ ଭେଟ'

ଅମୃତ ଭେଟ

ସେନାପତି ପ୍ରଦ୍ୟୁମ୍ନ କେଶରୀ

ମହାସଙ୍ଗମ ସୁନେଲ ମୁଠାଏ ମାଟିକୁ
ଯେବେ ମୁଁ ଧରେ,
ମୋର ଶିରାପ୍ରଶିରାରେ
କମ୍ପିଲି ଭଳେ ଶବ୍ଦୁଲ ଚାରା
ଯାହା ନିଶାରେ ମୋ ପାଇଁ ପ୍ରଥମ
ମୋତେ କଲେ ଅସ୍ଥିର
ଅପରୂପ ଯେବେ ଅନୁଭବିଲି
ଯା'ର ସାନ୍ନିଧ୍ୟ ।
ସନ୍ଧାରେ ବସିଥାଏ
କି ଥାଏ ସାରାକ ଭରରେ
ପୋଖରୀରେ ମାଛ ଧରୁଥାଏ
ବି ହମିଲେ ଧାନ ବୋଇଥାଏ
ମୋତେ ଜାଗେନି ଯେ
ପୁଣା ପ୍ରୟାସ ଠାରୁ ମୁଁ ରହିଛି ଦୂରରେ ।
ମୋ ଜାତିକୁ ଟିକି ଦେଖ
ମୋର ଅଧିକାର, ମେମିତି ବିଧାନାରେ
ଉପାଳି ଦିଧିର ଜର୍ବର ମାଟି
ମୋର ପଞ୍ଚଭୂତ ଜାରରେ ଫିଁ ସନ
ବହିପାଣି ଜାଡ଼ିବାଲା ଘରେ / ଯେମିତି ଜର୍ଜିଲି ଜରେ ମୁଁ ।

'ଅମୃତ ଭେଟ' ହେଉଛି ଆତ୍ମାର ପରମାତ୍ମାଙ୍କ ସହ, ପରମାତ୍ମାର ବର୍ଣ୍ଣନାର ଏକ ଅପୂର୍ବ ଅଭିବ୍ୟକ୍ତି । ଏହା ଆତ୍ମାର ପରମାତ୍ମାଙ୍କ ସହ ମିଳନ ଓ ଆତ୍ମାର ପରମାତ୍ମାଙ୍କ ସହ ଏକାତ୍ମତାର ଅନୁଭବ । ଏହି ଅନୁଭବ ଅତ୍ୟନ୍ତ ଗଭୀର ଓ ଆତ୍ମିକ

ଆରମ୍ଭ

SEITHO ARAMBHA

ରବିବାର, ୧୫ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଯାଜପୁର ଜିଲ୍ଲା ଏନ୍ ସି ହାଇସ୍କୁଲର ପ୍ଲାଟିନମ୍ ଜୁବୁଲିରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଯାଜପୁର,୧୪/୦୨ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଜିଲ୍ଲା ବ୍ୟାସନଗର ସ୍ଥିତ ସିଏମ୍ ଶ୍ରୀ ହାଇସ୍କୁଲ ଏନ.ସି ସରକାରୀ ଉଚ୍ଚ ବିଦ୍ୟାଳୟର ୮୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବୁଲି ସମାରୋହରେ ଯୋଗ ଦେଇଛନ୍ତି । ଏହି ଅବସରରେ ବିଦ୍ୟାଳୟର ଲନ୍ଚଠିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଯାହା ସବୁ ଆବଶ୍ୟକତା ଅଛି ସେ ସମସ୍ତ ଏକ ବ୍ୟବସ୍ଥିତ ଯୋଜନା ମାଧ୍ୟମରେ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଏହି ଉତ୍ସବକୁ ଐତିହାସିକ ବୋଲି କହିଥିଲେ ଏବଂ କହିଥିଲେ ଯେ ୧୯୪୫ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଏହି ବିଦ୍ୟାଳୟ ଗୟାସ୍ତ୍ରିବଳ ନାଗରିକଙ୍କ ଠିଡ଼ି ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଯାଜପୁର ଜିଲ୍ଲାରେ ଶିକ୍ଷାର ଏକ ବୃଦ୍ଧ ସ୍ତମ୍ଭ ହୋଇଛି । ସେ ଉଲ୍ଲେଖ କରିଥିଲେ ଯେ ଏହି ଅନୁଷ୍ଠାନ ଅଂଚଳର ଶିକ୍ଷାଗତ ବୃଦ୍ଧିପଥରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି । ସି.ଏମ୍ ଶ୍ରୀ ଯୋଜନାରେ ସ୍କୁଲକୁ ସାମିଲ କରାଯାଇଥିବାରୁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାକୁ ଆଧୁନିକ ଶିକ୍ଷିତ୍ରୀ, ଡିଜିଟାଲ୍ ଶ୍ରେଣୀଗୃହ ଏବଂ ସ୍ମାର୍ଟ ଶିକ୍ଷା ସୁବିଧା ସହିତ ଏକ ଆଦର୍ଶ ପ୍ରତିଷ୍ଠାନ ଭାବରେ ବିକଶିତ କରାଯାଇଛି । ଏହି ସ୍କୁଲ ଆଧୁନିକ ସୁବିଧା ସହିତ ଗୁଣାତ୍ମକ ଶିକ୍ଷାର ଏକ ମଡେଲ ଭାବରେ ଉଭା ହେବ ଏବଂ ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେବ ବୋଲି ସେ କହିଛନ୍ତି । ଛାତ୍ର ଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷାର ଉଦ୍ଦେଶ୍ୟ କେବଳ ମାର୍କ ରଖିବା କିମ୍ବା ନିଯୁକ୍ତି ସୃଷ୍ଟି ନୁହେଁ, ଏହା ହେଉଛି ପିଲା ମାନଙ୍କ ଚରିତ୍ର ଗଠନ କରିବା ଏବଂ ସେମାନଙ୍କୁ ବିଭିନ୍ନ ଜୀବନ କୌଶଳ ବା ଲାଇଫ ସ୍କିଲ ଶିଖାଇବା । ଜାତୀୟ ଶିକ୍ଷା ନୀତି ୨୦୨୦ ବିଷୟରେ ଉଲ୍ଲେଖ କରି ସେ ପିଲା ମାନଙ୍କ ସୃଜନଶୀଳତା, ବଜ୍ଞତା, ନିଷ୍ପତ୍ତି ଗ୍ରହଣ କ୍ଷମତା ଏବଂ ସମସ୍ୟା ସମାଧାନ ଦକ୍ଷତା ଉପରେ ଧ୍ୟାନ ଦେବାର ଆବଶ୍ୟକତା ଅଛି ବୋଲି କହିଥିଲେ । ମାଟ୍ରିକ୍ ପରୀକ୍ଷା ପାଖେଇ ଆସୁଥିବାରୁ, ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇଲେ ଏବଂ ଚାପ ବଦଳରେ ଧୈର୍ଯ୍ୟର ସହିତ ପ୍ରସ୍ତୁତି କରିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷା ପେ ଆଲୋଚନା'ରେ ପରାମର୍ଶ ଦେଇଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ସଫଳତା ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ ଏବଂ ବିଫଳତାକୁ ସଫଳତା ପାଇଁ ଏକ ପାହାଚ ଭାବରେ ବିବେଚନା କରାଯିବା ଉଚିତ । ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ ଆଲୋଚପାଠ କରିଥିଲେ ଯେ ରାଜ୍ୟ ସର୍ବାଧିକ ବଜେଟ୍ ବ୍ୟୟବରାଦ ସହିତ ଶିକ୍ଷାକୁ ପ୍ରାଥମିକତା ଦେଇଛି । ସେ ଉଲ୍ଲେଖ କରିଥିଲେ ଯେ ପ୍ରାଗମିକ ଶିକ୍ଷେବ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ୪୫,୦୦୦ ସ୍କୁଲରେ ଶିଶୁ ବାଟିକା ପ୍ରଚଳନ କରାଯାଇଛି ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଅଙ୍କଗଣିତ ପାଠଦାନ, ପ୍ରଳଜ୍ଞ-ଭିତ୍ତିକ ଶିକ୍ଷା ଏବଂ କୋଡିଂ ଦକ୍ଷତା କାର୍ଯ୍ୟକାରୀ କରାଯାଇଛି । ସେ ଆହୁରି କହିଛନ୍ତି ଯେ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା' ଅଧୀନରେ, ପ୍ରଥମ ପର୍ଯ୍ୟାୟରେ ୧୨,୦୦୦ କୋଟି ବିନିଯୋଗରେ ୨,୨୦୦ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯାଉଛି ଏବଂ ୧୦୦ ବର୍ଷରୁ ଅଧିକ ପୁରୁଣା ବିଦ୍ୟାଳୟ ଗୁଡ଼ିକର ବିକାଶ ପାଇଁ ଏକ ଐତିହ୍ୟ ବିଦ୍ୟାଳୟ ଯୋଜନା ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ଜୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବଡ଼ଚଣା ବିଧାୟକ ଅମର ନାୟକ, ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ପ୍ରଭା ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦେହୁରୀ, ଆଲୁମିନି ଆସୋସିଏସନର ସଭାପତି କୃପାସିନ୍ଧୁ ସାହୁ, କାର୍ଯ୍ୟକାରୀ ସଭାପତି ରମାନନ୍ଦ ମହାନ୍ତି, ଜେନେରାଲ ସେକ୍ରେଟାରୀ ଅଭିଳାଷ ଦାସ ଉପସ୍ଥିତ ଥିଲେ । ଯାଜପୁର ଜିଲ୍ଲାପାଳ ଅମର କୁମାର କର, ଏସପି ଯଶ ପ୍ରତାପ ଶ୍ରୀମଳ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ଜଳନିଗମର ସପନ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନାର ଦାୟିତ୍ୱ କରିଥିଲେ । ଏହି ସଭାରେ ପୂର୍ବତନ ଛାତ୍ର ସଂଘର ସଦସ୍ୟ, ଶିକ୍ଷକ ଏବଂ ବହୁ ସଂଖ୍ୟକ ଛାତ୍ର ଏବଂ ଜନସାଧାରଣ ଉପସ୍ଥିତ ଥିଲେ ।

ଏନ୍‌ଜେଡବ୍ଲୁର 'ସେବା ସଂକଳ୍ପରେ ୪ ଦିନ' ସେବା ଶିବିର ଉଦଯାପିତ

ଜଗତସିଂହପୁର, ୧୪/୨(ଆପ୍ର) ଏନ୍‌ଜେ ଡବ୍ଲୁ (ଓପନ ୟୁନିଟ), ଓଡ଼ିଶା ରାଜ୍ୟ ଭାରତ ସ୍ୱାଭଟ ଆଣ୍ଡ ଗାଇଡ ଡରଫରୁ ଚାରି ଦିନିଆ ସାମାଜିକ ସେବା ଶିବିର ସାବେଜପୁର ସ୍ଥିତ ଆଖଣ୍ଡଳମଣି ମହାଦେବଙ୍କ ଚତୁର୍ଦ୍ଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞ କାର୍ଯ୍ୟକ୍ରମ ତା୦୯/୦୨/୨୬ ରିଖିରୁ ଆରମ୍ଭ ହୋଇ ତା ୧୧/୦୨/୨୬ ରିଖ ବାର୍ଣ୍ଣ ତିନି ଦିନ ଧରି ବୈଦିକ ରୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଏହି ସେବା ଶିବିର ଶିବର ପ୍ରମୁଖ ବିଜୟ କୁମାର ରଥ, ଶିବିର ପରିଚାଳକ ମୁଖ୍ୟ ଆଶୁତୋଷ ପଣ୍ଡାଙ୍କ ନେତୃତ୍ୱରେ ତା ୦୮/୦୨/୨୬, ରିଖରୁ ଆରମ୍ଭ ହୋଇ ତା ୧୧/୦୨/୨୬ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏହି ଶିବିର ରେ ସିନିୟର ରୋଭରମେଟ ଆକାଶ, ସନ୍ତୋଷ, କ୍ରାନ୍ତି, ଲିଟୁନ୍, ବିଶ୍ୱଜିତ, ସତ୍ୟଜିତ, ରାହୁଲ, ସୁଦର୍ଶନ, ସିପୁଜ, ଓମ୍, ସ୍ୱରାଜ, ସୌମ୍ୟଜିତ୍ ଯୋଗଦେଇ ପ୍ରଥମେ ଫ୍ଲାଗ ସେରୋମୋନୀ କରିଥିଲେ । ଏହା ପରେ ରୋଭରମାନେ ଲୋକମାନଙ୍କୁ ଜନସ ଯାତ୍ରା ଓ ନଗର କୀର୍ତ୍ତନ ରେ ନେବାରେ ସାହାଯ୍ୟ କରିବା ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ । ଲୋକମାନଙ୍କୁ ଦହି ପଶମ ବାଂଟି ଥିଲେ । ମନ୍ଦିର ର ଚତୁପାର୍ଶ୍ୱ କୁ ସଫା ସୁତୁରା କରିବା ସହ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଲୋକମାନଙ୍କୁ ବୁଝାଇଥିଲେ । ଜଗତସିଂହପୁର ଜିଲ୍ଲାରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ଏନ୍‌ଜେଡବ୍ଲୁ ୟୁନିଟକୁ ସମ୍ମାନୀୟ ଆଚାର୍ଯ୍ୟ ମଣ୍ଡଳୀ ଏବଂ ଆଖଣ୍ଡଳମଣି ପୂଜା କମିଟିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମିଶ୍ର, ନାରାୟଣ ପଣ୍ଡା, ଶିଶିର ପତି, ନିରଞ୍ଜନ ପଣ୍ଡା, ଶୁଭଲାଭ ତ୍ରିପାଠି, ଲକ୍ଷ୍ମୀକାନ୍ତ ମିଶ୍ର, ପିତାମ୍ବର ସ୍ୱାଇଁ, ମହେନ୍ଦ୍ର ପଣ୍ଡା, ଲୋକନାଥ ଦାସ, ରଞ୍ଜନ ପଣ୍ଡା, ରବିନ୍ଦ୍ର ପଣ୍ଡା, ଫକୀର ଚରଣ ପଣ୍ଡା ଓ ବିଶ୍ୱନାଥ ପଣ୍ଡାଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପରିଶେଷରେ ମନ୍ଦିର କମିଟିର ମୁଖ୍ୟ ନାରାୟଣ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ କଣାଇ ଥିଲେ ।

କିନ୍ନର ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ

ନବରଙ୍ଗପୁର, ୧୪/୦୨ (ଆ.ପ୍ର) : ଗତ କାଲି ନବରଙ୍ଗପୁର ନୂତନ ମଣ୍ଡେଇ ପରିଷ୍ଠା ପରେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଜିଲ୍ଲା କିନ୍ନର ସଂଘର ସଦସ୍ୟଙ୍କୁ କିନ୍ନର ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ନିଜେ ମୁଖ୍ୟମନ୍ତ୍ରୀଙ୍କ କିନ୍ନର ମାନଙ୍କୁ ମଂଚରେ କିନ୍ନର ପ୍ରମାଣପତ୍ର ପ୍ରଦାନ କରିଥିବାରୁ ଜିଲ୍ଲା କିନ୍ନର ସଂଘର ସମସ୍ତ ସଦସ୍ୟ ଖୁସି ପ୍ରକଟ କରିଛନ୍ତି । ଏହି ଅବସରରେ କିନ୍ନର ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ଜିଲ୍ଲା ପ୍ରଶାସନକୁ ସାଧୁବାଦ କଣାଇଛନ୍ତି । ଭକ୍ତ ଖବର ପ୍ରସାରିତ ହେବା ପରେ କିନ୍ନର ସଂଘର ମୁଖ୍ୟ ପରାମର୍ଶଦାତା ସମାଜସେବୀ ଜଗନ୍ନାଥ ମହାପାତ୍ର, ଅନ୍ୟତମ ଉପସେବୀ ଭମରକୋଟର ବରିଷ୍ଠ ଅଧିବକ୍ତା ଶ୍ରୀନିବାସ ପଟ୍ଟନାୟକ, ପ୍ରୋଜେକ୍ଟ ଲିଡର ଏନ.ବାଲା କୃଷ୍ଣ ରାଓ, ସଂଘର ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର, ସଂଘର ମହିଳା ଉପସେବୀ ତଥା ସମାଜସେବୀ ଶର୍ମିଷ୍ଠା ଦେବୀ, ଅଧିବକ୍ତା କିଶୋରୀ ପଟ୍ଟନାୟକ, ଅଧ୍ୟାପିକା ଚନ୍ଦ୍ରା ମଲ୍ଲିକ, ଇଞ୍ଜିନିୟର ଚନ୍ଦନ ମଲ୍ଲିକ, ଅନ୍ୟତମ ଉପସେବୀ ସମାଜସେବୀ ନାନାବାବୁ ତ୍ରିପାଠୀ, ଅଧ୍ୟାପକ ଅଖିଳ ଭଲ, ସମାଜସେବୀ ମନୋଜ ପାଢ଼ି, ସମାଜସେବୀ ମନୋଜ ପାଢ଼ି, କିନ୍ନର ସଂଘର ସଭାପତି କାଳୋଲ ଏବଂ ସମ୍ପାଦକ ବୁମୁଲି କିନ୍ନର ସମେତ ସମାଜ କଲ୍ୟାଣ ଅଧିକାରୀ ଗୁଡ଼ାଣ୍ଡୁ ପାତ୍ର ପ୍ରମୁଖ ଖୁସି ପ୍ରକଟ କରିଛନ୍ତି ଏବଂ ସମସ୍ତ କିନ୍ନର ସଦସ୍ୟଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ମୁଖ୍ୟ ଶାସନ ସଚିବଙ୍କ ଦିନିକିଆ ପାରାଦୀପ ଗସ୍ତ

ପାରାଦ୍ୱୀପ, ୧୪/୦୨ (ଆ.ପ୍ର) : ପାରାଦୀପକୁ ଦିନିକିଆ ଗ୍ରସ୍ତ କରିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ । ଶ୍ରୀମତୀ ଗର୍ଗ ପ୍ରଥମେ ପାରାଦ୍ୱୀପର ପ୍ରସିଦ୍ଧ ଲୁ ଘୁମ ଚିତ୍ରରେ ପହଂଚି ଜିଲ୍ଲାପାଳ ଜେ ସୋନାଲଙ୍କ ସହ ତାହାର କାର୍ଯ୍ୟକାରିଣୀ ଓ ସ୍ମୃତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏହାପରେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ କିଷିଷ୍ଟାଂଚଳ ପହଂଚି ଥିଲେ, ପାରାଦୀପ ବନ୍ଦର ପଶୁଣ୍ଡ ଷ୍ଟେଟ ବେଶିନ ପାରେ ସି ଆଇ ଏସ୍‌ଏଫ୍ ଦ୍ୱାରା ତାଙ୍କୁ ସେରେମୋନିଆଲ ଗାର୍ଡ ଅଫ ଅନର ସହ ସ୍ୱାଗତ କରିଥିଲେ ବନ୍ଦର ଅଧକ୍ଷ ପି ଏଲ ଚରାନାଧ, ଲପାଝାଟି ଲେଡୁ ଗୋପାଲ । ସମ୍ମୁଖ ମଧ୍ୟରେ ଲଂଚ ରାଇଡ ସହ ବର୍ଣ୍ଣ ରୋଡ଼ିଜେନସ, ଲେସେଲ ଟ୍ରାଫିକ ବ୍ୟବସ୍ଥା, ବନ୍ଦରର ସାମୁଦ୍ରିକ କାର୍ଯ୍ୟକାରିତା ଆଦି ଅନୁଧ୍ୟାନ କରିଥିଲେ । ପରେ ସାଳିକନୀ କକ୍ଷରେ ପାରାଦ୍ୱୀପ ବନ୍ଦର ୨.୦ ଜିଜନ, ଗ୍ରୀନ ହାଇଡ୍ରୋଜେନ୍ ହବ, ଫୁଷ୍ଟିକ ପାର୍କ, ପର୍ଯ୍ୟଟନ ବିକାଶ, ଜୁଜ ଇନ୍ନୟନ ସହ ବିଭିନ୍ନ ଇନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ । ପାରାଦ୍ୱୀପ ବନ୍ଦରକୁ ବିଶ୍ୱରେ ଓଡ଼ିଶା ଅର୍ଥନୀତିର ମୁଖଶାନା କରି ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ ଶ୍ରୀମତୀ ଗର୍ଗ । ପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏସସିଏସଟି ଡେଭଲପମେଂଟ ବିଭାଗ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ ଠାରେ ଥିବା ପାରେଶ୍ୱର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀ ମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ । ଅପରାହ୍ନରେ ଆଇଓସିଏଲ୍ ପ୍ଲାଂଟ ପରିଦର୍ଶନ ସହ ସଳିକନୀ କକ୍ଷ ରେ ଇଂଫୋଗ୍ଲୋ, ପି ପି ଏଲ, ଜେ ଏସ ଡବ୍ଲୁ ଆଦି ଶିଳ୍ପ ଅନୁଷ୍ଠାନ ମାନଙ୍କ ସହ ଆଲୋଚନା କରିଥିଲେ । ପାରାଦ୍ୱୀପ ଲୁ ଓଡ଼ିଶାର ଶିଳ୍ପ ସମ୍ଭାବ ଅର୍ଥନୀତିରେ ଗତିଶକ କରିବାପାଇଁ ବିଭିନ୍ନ ପ୍ରସାର୍ଣ୍ଣ ଦେଇଥିଲେ । କାର୍ଯ୍ୟକାରୀ ହେଉଥିବା ଏବଂ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦ୍ୱୀପ ପେଟ୍ରୋ କେମିକାଲ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ । ବିଶେଷ କରି ଭୁବନେଶ୍ୱର କଟକ ପୁରୀ ପାରାଦ୍ୱୀପ ଇକୋନୋମିକ ରିଜନ ଉପରେ ଆଲୋଚପାଠ କରି ଶିଳ୍ପ ଅନୁଷ୍ଠାନ ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି କହିଥିଲେ ଶ୍ରୀମତୀ ଗର୍ଗ । ଏହି ଗସ୍ତ ସମୟରେ ଶାସନ ସଚିବଙ୍କ ସହ ସ୍ଥାନ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଅନିରମ ରାଜୁଆ, ଜିଲ୍ଲାପାଳ ଜେ ସୋନାଲ, ଆଇଜି ଅଧିକ୍ଷକ ଅଜିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ନିରାଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠା, ପାରାଦ୍ୱୀପ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜିଲ୍ଲା ସ୍ତରୀୟ ଅଧିକାରୀ, ଶିଳ୍ପ ଅନୁଷ୍ଠାନ ଗୁଡ଼ିକର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ବରିଷ୍ଠ ରାଜନେତା କୁମାର ଜେନାଙ୍କ ପରଲୋକ

ବରୀ, ୧୪/୦୨ (ଆ.ପ୍ର) : ବରୀ ଅଂଚଳର ଜଣା ଶୁଣା ରାଜନେତା ତଥା ସମାଜ ସେବୀ କୁମାର ଜେନା (୭୪) ଙ୍କର ପରାଲୋକ ଘଟିଛି । ପ୍ରକାଶ ଥାଉଜି ସ୍ୱର୍ଗତଃ ଜେନା ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ସଭ୍ୟ ଏବଂ ମାରିରୀ ସମନ୍ୱୟ କମିଟିର ସଭାପତି ଭାବରେ କାର୍ଯ୍ୟ କରିବା ସହିତ ସମାଜ ସେବା ସହିତ ଗ୍ରାମାଂଚଳର ବିଭିନ୍ନ ନାଟ୍ୟ ଅନୁଷ୍ଠାନରେ ନିର୍ଦ୍ଦେଶନା ଦେଇ ବରୀ ଅଂଚଳରେ ଏକ ସ୍ମରଣ ପରିବେଶ ସୃଷ୍ଟି କରିଥିଲେ । ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକ, ବୁଢ଼ ବିଜେଡି ସଭାପତି ଜେବାର ସମାଲ, ଜିଲ୍ଲା ପରିଷଦ ସଭ୍ୟ ଅଶେଷ କୁମାର ସାମଲ, ବିଶ୍ୱାଜିତ କୁମାର ମହାନ୍ତି, ସରପଂଚ ଧାରେନ୍ଦ୍ର ଜେନା, ଡ଼ ନୃସିଂହ ବେହେରା, କୃଷ୍ଣଶ୍ୟାମ ଜେନା, ମୁକୁନ୍ଦ ସମାଲ, ମନୋଜ ଦାସ, ଅଖିଲାମ ମଲ୍ଲ, ପଂଚାୟତ ଜଳ ବିଦ୍ୟାଳୟ, ରାମପୁର ର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନା ପ୍ରମୁଖ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ଖବର ପାଇ ବିଜେପି ରାଜ୍ୟ ପ୍ରବକ୍ତା ମନୋଜ ମହାପାତ୍ର, ସାମଜିକ କର୍ମୀ ସଞ୍ଜାବ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

ତୃତୀୟ ପର୍ଯ୍ୟାୟ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ତାଲିମ୍ ଉଦ୍‌ଯାପିତ

ଚିକାଚାଲି, ୧୪/୦୨ (ଆ.ପ୍ର) : ଜାତୀୟ ଶିକ୍ଷାନୀତି -୨୦୨୦ ଆଧାରରେ ପ୍ରସ୍ତୁତ ଓଡ଼ିଶା ପାଠ୍ୟକ୍ରମ ରୂପରେଖ -୨୦୨୬ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ପାଠ୍ୟ ପୁସ୍ତକର ପରିଚାଳନା ସମ୍ପର୍କୀୟ ସଂଗ ଦିବସୀୟ ତାଲିମର ଚିକାଚାଲି ବ୍ଲକର ବ୍ଲକ୍ ସ୍ତରୀୟ ତାଲିମର ତୃତୀୟ ତଥା ଶେଷ ପର୍ଯ୍ୟାୟ ତାଲିମ୍ ଉଦ୍‌ଯାପିତ ହୋଇ ଯାଇଛି । ପ୍ରତ୍ୟେକ ପର୍ଯ୍ୟାୟ ରେ ୯୦ ଜଣ ଲେଖାଏଁ ମୋଟ ୨୭୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ପ୍ରଶିକ୍ଷଣ ରେ ଅଂଶ ଗ୍ରହଣ କରିଥିଲେ । ସମ୍ବଳ ଶିକ୍ଷକ ଭାବେ ପବିତ୍ର କୁମାର ସାହୁ, ଜୟ ପ୍ରକାଶ ପାତ୍ର ଏବଂ ସ୍ମୃତି ସମ୍ପା ସମ୍ପାଣ୍ଡ ଜଳମଂଶ୍ରୁକୁ ସୁନ୍ଦର ଭାବରେ ପରିଚାଳନା କରିଥିଲେ । ସହ - ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ନାୟକ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ସହିତ ପ୍ରମାଣ ପତ୍ର ପ୍ରଦାନ କରିଥିଲେ ।

ସହିଦ ମନୋଜ ବେହେରାଙ୍କ ୭ମ ଶ୍ରାଦ୍ଧ ଦିବସ

ନିମାପଡା, ୧୪/୦୨ (ଆ.ପ୍ର) : ୨୦୧୯ ମସିହା ଫେବୁଆରି ୧୪ ତାରିଖ ଦିନ ପୁଲୱାମାଠାରେ ଆତଙ୍କବାଦୀମାନଙ୍କ ବିସ୍ଫୋରଣରେ ୪୦ଜଣ ଯବାନ ସହିଦ ହୋଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ନିମାପି ଥାନା ଅନ୍ତର୍ଗତ ଉତନପୁର ଗ୍ରାମର ମନୋଜ କୁମାର ବେହେରା । ସହିଦ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅମରେଶ୍ୱର ମୋଡାଲ୍ ଉଚ୍ଚବିଦ୍ୟାଳୟ ପରିସରରେ ତାଙ୍କ ସହପାଠୀଙ୍କ ଦ୍ୱାରା ଆୟୋଜିତ ସ୍ମୃତିସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସହପାଠୀ ଧର୍ମେନ୍ଦ୍ର ମିଶ୍ର, ମନୋଜଙ୍କନ ନନ୍ଦ, ମହେଶ କୁମାର ବାଲ, ସୁବାସ ଚନ୍ଦ୍ର ସାହୁ, ଜିମାସି ଦାସ ,ପ୍ରମୋଦ କୁମାର ସାହୁ, ଗଗନ ମଲ୍ଲିକ, ଜିତପ୍ରିୟ ତ୍ରିପାଠୀ, ଗୋକୁଳାନନ୍ଦ ବେହେରା, ଫଟୁରେଶ ଭୋଇ, ଡ଼ଃ ସତ୍ୟକୁଣ୍ଡ ନାୟକ, ବିଲ୍ଲୁପ କୁମାର ଦାସ, ସୁରେଶ ସାହୁ, ଜଡି ସେଠୀ ପ୍ରମୁଖ

ଶିରୋନାମ
ଆରମ୍ଭ
SEITHO ARAMBHA
ରବିବାର, ୧୫ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ରାୟଗଡ଼ା ଜିଲ୍ଲା ପ୍ରଶାସନ ଓ 'ସ୍ୱର୍ଣ୍ଣ'ର ମିଳିତ ଆନୁକୂଲ୍ୟରେ 'ଯୁବ ସମ୍ବଳ କେନ୍ଦ୍ର' ଉଦଘାଟିତ

ରାୟଗଡ଼ା, ୧୪/୦୨ (ଆ.ପ୍ର) : ରାୟଗଡ଼ା ଜିଲ୍ଲାର ଗ୍ରାମାଞ୍ଚଳ ଓ ଆଦିବାସୀ ଯୁବତୀମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଜେ.କେ. ପେପର୍‌ର ସାମାଜିକ ସଂଗଠନ 'ସ୍ୱର୍ଣ୍ଣ' ସୋସିଆଲ୍ ଫାଉଣ୍ଡେସନ୍ ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ 'ଯୁବ ସମ୍ବଳ କେନ୍ଦ୍ର' (Youth Resource Centre) ଉଦଘାଟିତ ହୋଇଯାଇଛି । ଏହି କେନ୍ଦ୍ରର ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲାପାଳ ଆଣ୍ଟୁଲୋଷ୍ଟ ଲୁକଲର୍ଣ୍ଣୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ କୁମାରୀ ସ୍ୱର୍ଣ୍ଣଲତା ରାଉତ, ସ୍ୱତନ୍ତ୍ର ଅତିଥି ଭାବେ ରାୟଗଡ଼ା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଅର୍ଚ୍ଚନା ପଟ୍ଟନାୟକ ଏବଂ ଜେ.କେ. ପେପର୍ ମିଲ୍‌ର ବାଣିଜ୍ୟିକ ବିଭାଗ ଉପ-ସଭାପତି ବିଶ୍ୱଜିତ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱର୍ଣ୍ଣ (ଜେକେ ପେପର୍ ସିଏସଆର)ର ପରିଚାଳକ ଆଦିତ୍ୟ ପଟ୍ଟନାୟକ କାର୍ଯ୍ୟଭାରମାନଙ୍କୁ ପରିଚାଳନା କରିଥିଲେ । ଏହି ଯୁବ ସମ୍ବଳ କେନ୍ଦ୍ର ବିଶେଷ କରି ଜିଲ୍ଲାର ଅବହେଳିତ ତଥା ଆର୍ଥିକ ଅନଗ୍ରସର ପରିବାରର ୫୦ ଜଣ ଆକାଂକ୍ଷୀ ଶିକ୍ଷିତ ଯୁବତୀଙ୍କୁ ମାଗଣାରେ ବ୍ୟାଙ୍କିଙ୍ଗ୍, SSC, ରେଳବାଇ, OSSC, OSSSC ଏବଂ ପୋଲିସ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରଶିକ୍ଷଣ ପ୍ରଦାନ କରିବ । ୯ ମାସ ଧରି ଚାଲିବାକୁ ଥିବା ଏହି ପାଠ୍ୟକ୍ରମରେ ଗଣିତ, ସାଧାରଣ ଜ୍ଞାନ, ଇଂରାଜୀ, ଓଡ଼ିଆ ବ୍ୟାକରଣ ଏବଂ କମ୍ପ୍ୟୁଟର ଶିକ୍ଷା ସହିତ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ ଦିଆଯିବ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିଯୁକ୍ତି ଅଫିସର କଳିଙ୍ଗ ନିଯୁକ୍ତି ଅଧିକାରୀ ସନ୍ତୋଷ ନନ୍ଦ, ଅଧ୍ୟାପିକା ଶାଶିକଳା ଓ ଅଧ୍ୟାପକ ରମ୍ୟ ରଞ୍ଜନ ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ସ୍ୱର୍ଣ୍ଣ ସୋସିଆଲ୍ ଫାଉଣ୍ଡେସନ୍ ଟିମ୍ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି କେନ୍ଦ୍ର ଆଗାମୀ ଦିନରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପିଲାଙ୍କ ମଧ୍ୟରେ ଥିବା ସୁଯୋଗର ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

ଦୁର୍ନୀତି ଗ୍ରସ୍ତ ଅଧ୍ୟାପକଙ୍କ କାର୍ଯ୍ୟରତ ସାମ୍ବାଦିକଙ୍କୁ ଦୁଃ ବ୍ୟବହାର, ଥାନାରେ ଅଭିଯୋଗ

ଗଣପୁର, ୧୪/୦୨ (ଆ.ପ୍ର) : ନୟାଗଡ଼ ଜିଲ୍ଲା, ରାଜ ସୁନାଖଳା ମହାବିଦ୍ୟାଳୟରେ କିଛି ଦୁର୍ନୀତି ଗ୍ରସ୍ତ ଅଧ୍ୟାପକଙ୍କ ଚାଲିଛି ମନମାନି । ନା ଠିକ୍ ସମୟରେ କଲେଜ ଆସୁଛନ୍ତି, ନା କ୍ଲାସ ଠିକରେ କେଉଛନ୍ତା, ନା ପିଲାଙ୍କୁ ପାଠ ପଢ଼ାଉଛନ୍ତି । ଏପରିକି କଲେଜରେ ଫିଙ୍ଗର ପ୍ରିଂଟ ଦେଇଦେଇ, କ୍ଲାସ ନକରି ବଜାରରେ ଏଣେତେଣେ ବୁଲିବାକୁ ଦେଖିବାକୁ ମିଳୁଥିବା ଅଭିଯୋଗ ହେଉଛି । ଅଭିଯୋଗ କରିଛନ୍ତି ଖୋଦ୍ କଲେଜ ଅଧ୍ୟକ୍ଷା ସଂଯୁକ୍ତା ମିଶ୍ର । ଅଧ୍ୟକ୍ଷା ମିଶ୍ରଙ୍କ କହିବା ଅନୁଯାୟୀ ସେ ଯେତେବେଳେ କ୍ଲାସ୍ ଚାଲାଉଛି ସେ ଯେତେବେଳେ ବାହାରେ ଠିଆ ହୋଇ କଲେଜ କ୍ୟାମ୍ପସ ବୁଲି ଦେଖୁଥିଲେ, କିଛି ବର୍ଷ ତଳେ ଯୋଗ ଦେଇ ଥିବା ଭଲିଡ ବିଭାଗର ମ୍ୟାନେଜମେଂଟ ଅଧ୍ୟାପକ ପଦ୍ମ ଚରଣ ସାହୁ କୁଆଡ଼େ କ୍ଲାସରେ ନଥିଲେ କି କଲେଜରେ ବି ନଥିଲେ । ଏ ସଂକ୍ରାନ୍ତରେ କଲେଜର ଅଧ୍ୟକ୍ଷା ଜିଜ୍ଞାସା ମାଗିବାରୁ, ଅଧ୍ୟାପକ ପଦ୍ମ ଚରଣ ସାହୁ ସନ୍ତୋଷ ଜନକ ଉତ୍ତର ଦେଇ ପାରି ନଥିଲେ । ଶୃଙ୍ଖଳାକୁ ମିଳୁଛି ଅଧ୍ୟାପକ ନାମରେ ପଦ୍ମ ଚରଣ ସାହୁ ଜଣେ କଳଙ୍କିତ ଅଧ୍ୟାପକ, ଯିଏକି ନିୟମିତ ଠିକ ସମୟରେ କଲେଜ ଆସନ୍ତି ନାହିଁ, ପିଲା ମାନଙ୍କ କ୍ଲାସ କେବଳରେ ଅବହେଳା କରନ୍ତି, ଯାହା ଫଳରେ ଡକ୍ଟରାଳ ୨୦୨୧ ମସିହାରେ ଥିବା ରାଜ ସୁନାଖଳା କଲେଜ୍ ଅଧ୍ୟକ୍ଷ ୨୪/୦୮/୨୦୨୧ରେ ଚିଠି ନମ୍ବର୍ ୫୯୧ ଯୋଗେ ଏକ ମାସର ବରମା ମଧ୍ୟ ବନ୍ଦ କରି ଥିଲେ । ଅଧ୍ୟାପକ ପଦ୍ମ ଚରଣ ସାହୁଙ୍କୁ ଯେତେବେଳେ ତଦ୍ଭାଳୀନ ଅଧ୍ୟକ୍ଷଙ୍କ ଦ୍ୱାରା ୨୮/୦୬/୨୦୧୭ରେ ନିଯୁକ୍ତି ଦିଆ ଯାଇ ଥିଲା , ସେଥିରେ ସଫା ସଫା ଲେଖା ଅଛି ଯେ ସନ୍ତୋଷ ଜନକ କାର୍ଯ୍ୟ ନ କଲେ, କେତେ ବେଳେ ବି ତାଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇ ପାରିବ । ଏବେ ନରମ ଜବାବ କିଛି ଦିନ ତଳେ ମହାଶୟ ଜଣକ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ମନ ଲଢ଼ା ତାଲା ପକାଇବା କଣ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ନୁହେଁ ? ଏ ନେଇ କଲେଜ ଅଧ୍ୟକ୍ଷା ସଂଯୁକ୍ତା ମିଶ୍ର ଗତ ୦୬ ଫେବୃୟାରି ରେ ରାଜ ସୁନାଖଳା ପାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ଜଣା ପଡିଛି । କଲେଜ ଅଧ୍ୟକ୍ଷା ମଧ୍ୟ ମେଲ ଯୋଗେ ଉପ ଜିଲ୍ଲାପାଳ ନୟାଗଡ଼ଙ୍କୁ ଜଣାଇଥିବା କା ଅଭିଯୋଗ ଦେଇଥିବା ଜଣା ପଡିଛି । ହେଲେ ଉପ ଜିଲ୍ଲାପାଳ ସବୁ ଜାଣି ବୁଝି ରହିବା ସାଧାରଣରେ ଅସନ୍ତୋଷ ପ୍ରକାଶ ସହ ସନ୍ଦେହ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି । ରାଜ ସୁନାଖଳା ମହାବିଦ୍ୟାଳୟରେ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ତାଲା ପଡ଼ିଥିବା ଓ ଅଧ୍ୟକ୍ଷା ବାହାରେ ବସି ଡିୟୁଟି କରୁଥିବା ଦେଖିବାକୁ ମିଳିଥିଲା । ଏ ସଂକ୍ରାନ୍ତରେ ନୂଆ ତଥ୍ୟ କଣ ଜାଣିବା ପାଇଁ ବିଶ୍ୱବାଣୀ ସାମ୍ବାଦିକ ବିନୋଦ କୁମାର ସାହୁ ୧୩ ଫେବୃୟାରୀ ଅପରାହ୍ନରେ ରାଜ ସୁନାଖଳା ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କ ନିକଟକୁ ଯାଇ ପ୍ରଶ୍ନ କରୁଥିବା ବେଳେ ଅଧ୍ୟକ୍ଷା ମଧ୍ୟ ଉତ୍ତର ଗୁଡ଼ିକ ସୁଚାରୁ ରୂପେ ପ୍ରକାଶ କରିଥିଲେ । ଏହି ସମୟରେ ଅଧ୍ୟକ୍ଷ ପଦ୍ମ ଚରଣ ସାହୁ ଅଯଥା ରାଗ ଜର୍ଜରିତ ହୋଇ ସାମ୍ବାଦିକ ବିନୋଦ କୁମାର ସାହୁଙ୍କୁ ତଥ୍ୟ ସଂଗ୍ରହରେ ବାଧା ସୃଷ୍ଟି କରିବା ସହ ଦୁଃ ବ୍ୟବହାର କରି ବିଭିନ୍ନ କଟୁ କଥା କହିଥିଲେ । ଯାହାକି ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ଶୋଭାନୀୟ ନୁହେଁ । ଉକ୍ତ ସମୟରେ ଏଭଳି ଆଚରଣ ଦେଖି ସାମ୍ବାଦିକ ବିନୋଦ ଭୟଭୀତ ହୋଇ ଯାଇଥିଲେ । ସେତେ ବେଳେ କୋଧ ହୁଏ ଅଧ୍ୟାପକ ଜଣଙ୍କ କିଛି ନିଶା ଦ୍ରବ୍ୟ, ଯେମିତିକି ସିଗାରେଟ କିମ୍ବା ମଦ ପିଇଲା ଭଳି ଜଣା ପଡୁଥିଲେ । ଏଣୁ ସାମ୍ବାଦିକ ଜଣଙ୍କ ଅଧ୍ୟାପକଙ୍କୁ ବେଶୀ କିଛି ନକହି ରାଜ ସୁନାଖଳା ପାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ଏଠି କଥା ହେଉଛି ଜଣେ କାର୍ଯ୍ୟରତ ସାମ୍ବାଦିକ ଅଧ୍ୟକ୍ଷାଙ୍କ ସହ କଥା ହେବା ବେଳେ, ଜିଭାଳି ବିନା ଅନୁମତିରେ ଅଧ୍ୟାପକ ଜଣକ ପ୍ରବେଶ କରି ମୋବାଇଲ ମାଧ୍ୟମରେ ବିଭିନ୍ନ ଅବାସ୍ତବ କଥାବାର୍ତ୍ତା କରିବା କଣ ଅଧ୍ୟକ୍ଷାଙ୍କୁ ଅପମାନ ନୁହେଁ କି ? ଖବର ନେବାରେ ଅଜଣା ପଡିଛି ଯେ ଅଧ୍ୟକ୍ଷା ସଂଯୁକ୍ତା ମିଶ୍ର ନିୟମ ବହିର୍ଭୂତ ହେବାରୁ ନଦେବାରୁ ପ୍ରତିହିଂସା ପରାୟଣ ହୋଇ ଅଧ୍ୟକ୍ଷାଙ୍କ ବିରୋଧରେ ଅଯଥା ମିଥ୍ୟା ଅଭିଯୋଗ ଆଣିଥିବା ଅଧ୍ୟକ୍ଷା ସଂଯୁକ୍ତା ମିଶ୍ର ସୂଚନା ଦେଇ ଛନ୍ତି, ଯାହା ଫଳରେ ରାଜ ସୁନାଖଳା ପୋଲିସ ପ୍ରାଥମିକ ତଦନ୍ତ କରି ଅଧ୍ୟାପକ ପଦ୍ମ ଚରଣ ସାହୁଙ୍କ ଅଭିଯୋଗ ଭିତ୍ତିହୀନ ବୋଲି ସେମାନଙ୍କୁ କହିଥିଲେ । ଏତେ ସତ୍ତ୍ୱ ପରେ ଏଭଳି ଅଧ୍ୟାପକଙ୍କୁ ଶୀଘ୍ର କଲେଜରୁ ବିତାଡିତ କରିବା ପାଇଁ ସାଧାରଣରେ ଦାବି ହେଉ ଥିବା ଜଣା ପଡ଼ିଛି । ଏଣୁ ଅଧ୍ୟକ୍ଷା ଏଭଳି ବିଶୃଙ୍ଖଳିତ ଅଧ୍ୟାପକଙ୍କୁ ଶୀଘ୍ର କାର୍ଯ୍ୟରୁ ବହିଷ୍କୃତ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ଏଭଳି ଦୁର୍ନୀତିଗ୍ରସ୍ତ ଠକ ଅଧ୍ୟାପକଙ୍କ ଉପରେ କିଭଳି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁଛନ୍ତି ବିଭାଗୀୟ ଅଧିକାରୀ ଓ କଲେଜ୍ ଅଧ୍ୟକ୍ଷ ଦେଖିବାକୁ ବାକି ରହିଲା ।

ପ୍ରଜ୍ୱଳିତ ହେଲା ବୃହତ୍ ଜଗତ ମଙ୍ଗଳ ଜାଗର ଦୀପ

ପୁରୀ, ୧୪/୦୨ (ଆ.ପ୍ର) : ପବିତ୍ର ମହାଶିବରାତ୍ରୀ ଅବ୍ୟବହିତ ପୂର୍ବରୁ ପବିତ୍ର ପଙ୍କୋଦ୍ଧାର ଏକାଦଶୀ ତିଥିରେ ଶୁକ୍ଳପକ୍ଷ ପୁରାପ୍ରତିତ ଶ୍ରୀଲୋକନାଥଙ୍କ ପାଠରେ ୧୬ ତମ ବୃହତ ଜଗତମଙ୍ଗଳ ଜାଗର ଦୀପ ପ୍ରଜ୍ୱଳିତ ହୋଇଛି । ସନ୍ଧ୍ୟାରେ ଶ୍ରୀଲୋକନାଥଙ୍କ ଗଣ୍ଡାରାରୁ ଦୀପ ଆସି ଏହି ବୃହତ୍ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଦିବ୍ୟାଜ୍ୟୋତି ପରିଡ଼ା, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଉପଜିଲ୍ଲାପାଳ ରାଜକିଶୋର କେନା ଏବଂ ଅତିରିକ୍ତ ଏସପି ସୁଶିଲ ମିଶ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ପୂର୍ବରୁ ଏହି ବୃହତ ଦୀପ ମାଟିରେ ପ୍ରସ୍ତୁତ କରାଯାଇଥିବା ବେଳେ ଗତ ଦୁଇ ବର୍ଷ ହେବ ଏହା ଅଷ୍ଟଧାତୁରେ ନିର୍ମିତ ହୋଇଛି । ପ୍ରାୟ ୬ଫୁଟ ଲମ୍ବ, ୪ଫୁଟ ଓସାର ଏବଂ ୩ଫୁଟ ଗଭୀର ବିଶିଷ୍ଟ ଏହି ଦୀପ ରେ ଏକାଥରେ ଦେଢ଼ କୁଇଁଟାଲ ଘିଅ ଜଳାଯିବ । ଏକାଦଶୀ ସନ୍ଧ୍ୟାରୁ ମହାଶିବରାତ୍ରି ଜାଗର ଦିନ ଶ୍ରୀଲୋକନାଥଙ୍କ ନଅଦିନୀୟ ଲଢିକା ପର୍ଯ୍ୟନ୍ତ ଏହା ପ୍ରଜ୍ୱଳିତ ରହେ । ୬ଫୁଟ ' ଉଚ୍ଚାଡ଼ା ଏବଂ ୧୦ ମିଟର ଲମ୍ବର ବନିତା ଏହି ଦୀପରେ ବ୍ୟବହାର କରାଯିବ । ବିଶ୍ୱ ଶାନ୍ତି ତଥା ଜଗତ କଲ୍ୟାଣ କଲ୍ୟାଣ ଉଦ୍ଦେଶ୍ୟରେ ଏହି ଦୀପ ପ୍ରତ୍ୟେକ ବର୍ଷ ଶ୍ରୀଲୋକନାଥଙ୍କ ପାଠରେ ପ୍ରଜ୍ୱଳନ କରାଯାଉଥିବା ଉଦ୍ୟୋକ୍ତା ରାମକୃଷ୍ଣ ହୋତା କହିଛନ୍ତି ।

ଶିଆଳିରେ ହେବ ଦାମ ବାବୁଙ୍କ ପ୍ରତିମୂର୍ତ୍ତି

ଏରସମା, ୧୩/୦୨ (ଆ.ପ୍ର) : ଏରସମା ଅଂଚଳର ଜଣେ ଆଗ ଧାଡିର ନେତା ଓ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଶିଆଳି ବାଲିଯାତ୍ରା କମିଟି ଓଡା ଦାମ ବାବୁଙ୍କୁ ଭଲ ପାଉଥିବା ସମସ୍ତଙ୍କ ମାନେ ଶିଆଳି ବେଳାଭୂମିରେ ଦାମ ବାବୁଙ୍କ ପ୍ରତିମୂର୍ତ୍ତି ହେବ ଏଇଥର ଭୂମିପୂଜା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।ଶୁକ୍ରବାର ପୂର୍ବାହ୍ନରେ ବିଜେପି କାର୍ଯ୍ୟ କାରିଣୀ ସଭାପତି ସଞ୍ଜୟ ମହାଳିଙ୍କ ଉପସ୍ଥିତିରେ, ବାଲିଯାତ୍ରା କମିଟିର ସଭାପତି ନିରାକାର ସ୍ୱାଇଁ (ବାଙ୍ଗୁରେ), ଉପ ସଭାପତି ସୁକାନ୍ତ ସାମନ୍ତ, ପ୍ରଦୀପ କୁମାର ସାମଲ, ଦୀପକ କୁମାର ଗିରି, ଚନ୍ଦନ ପରିଡା, ସୁକୁମାର ଭୁଇଁୟା, ପ୍ରମୋଦ ସ୍ୱାଇଁ, ପ୍ରକାଶ ଖଟୁଆ, ପ୍ରେମାନନ୍ଦା ବେହେରା, ଜୟଦେବ ସାମନ୍ତ, ଶିଶିର ମଲ୍ଲିକ ପ୍ରମୁଖ ଯୋଗଦେଇ ତାଙ୍କ ପ୍ରିୟ ନେତା ଦାମବାବୁଙ୍କ ପ୍ରତିମୂର୍ତ୍ତି ହେବ ବୋଲି ବୃତ୍ତ ପ୍ରତିଷ୍ଠା କରି ଭୂମି ପୂଜନ ହୋଇଥିଲା । ଦାମ ବାବୁଙ୍କ ପ୍ରତିମୂର୍ତ୍ତି ନ ହେବାକୁ କିଛି ଲୋକ ବିରୋଧ କରିଥିବେ ଯାହା ପାଇଁ ନିରାକାର ସ୍ୱାଇଁ ବଦନମ୍ମ ହୋଇଛନ୍ତି । ଆଜି ନିରାକାର ସ୍ୱାଇଁଙ୍କ ତଥା ସ୍ଥାନୀୟ ଜନତାଙ୍କ ସମର୍ଥନରେ ଏରସମାର ବିକାଶ ପୁରୁଷ ଦାମ ବାବୁଙ୍କ ପ୍ରତି ମୂର୍ତ୍ତି ପ୍ରତିଷ୍ଠା ହେଉ ଶୁଭ ମନସିଥିଲେ ।

ଆର୍ଶୀବାଦ ଶିକ୍ଷାକେନ୍ଦ୍ରର ୨୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ

ଭୁବନ, ୧୪/୦୨ (ଆ.ପ୍ର) : ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ପଦାଶରିଠିଆ ଠାରେ ଥିବା ଆର୍ଶୀବାଦ ଶିକ୍ଷାକେନ୍ଦ୍ରରେ ୨୭ତମ ବାର୍ଷିକୋତ୍ସବ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ପରିଷଦ ଚେନା, ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷକ ସୁମାଳୀ ଚନ୍ଦ୍ର ଚେନା, ବିଦ୍ୟାଳୟର ପ୍ରତିଷ୍ଠାତା ଅରୁଣ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ପୁର୍ଣ୍ଣଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ବାର୍ଷିକ ବିବରଣୀ ପାଠ କରିଥିଲେ । ସହକାରୀ ଶିକ୍ଷକ ସନତ ଜଏଁନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । କ୍ରୀଡ଼ା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ଦୁଇ ବର୍ଷ ୬ ମାସରେ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ଗ୍ରହଣ କଲେ କୁନିଛିଅ



ନୂଆପଡ଼ା, ୧୪/୦୨ (ଆ.ପ୍ର) : ତୁଳସୀ ଦୁଇପହୁଣ୍ଡ ବାସିନ୍ଦା ଭଳି, କୁନି ଜୟସବୁ ଦୁଇ ପ୍ରତିଭାର ଚମକ ଦେଖାଇଛନ୍ତି ଆର୍ଯ୍ୟାନା ମେହେର । ବୟସ ମାତ୍ର ୨ ବର୍ଷ ୬ ମାସ ହେଉଥିବା ସତ୍ତ୍ୱେ ନିଜର ମେଧାଶକ୍ତି ଓ କୁଶଳତାରେ ସେ India Book of Records–2026ରେ ନିଜ ସ୍ଥାନ ପକ୍କା କରିଛନ୍ତି । ନୂଆପଡ଼ା ଜିଲ୍ଲା ସିନାପାଲି ସହରର କିଡ଼ୁ ମେହେର ଓ ଲିଲି ମେହେରଙ୍କ କନ୍ୟା ଆର୍ଯ୍ୟାନା ନିମିତ୍ତରେ ୪ଟି ଅଙ୍ଗପ୍ରତ୍ୟଙ୍ଗର ନାମ, ୨୦ଟି ପଶୁପକ୍ଷୀର ନାମ, ଇଂରାଜୀରେ ୭ଟି ବାରର ନାମ, ୫ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ, ୨୧ଟି ପନିପରିବା, ୧୯ ପ୍ରକାର ଫଳ, ୧୨ଜଣ ଭଗବାନଙ୍କ ନାମ, ୮ ପ୍ରକାର ରଙ୍ଗ, ୧୫ଟି ସାଧାରଣ ଜ୍ଞାନ ପ୍ରଶ୍ନୋତ୍ତର, ୪ଟି ଦିନ, ୧୨ଟି ମାସ, ୨୧ଟି ଯାନବାହାନର ନାମ ସହ ୧ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା ଗଣନ ସ୍ପଷ୍ଟ ଭାବେ କହିପାରୁଛନ୍ତି । ଏଦାସହ ୪ଟି ଓଡ଼ିଆ ଗୀତ, ୫ଟି ଚଉ, ୫ଟି ସଂସ୍କୃତ ମନ୍ତ୍ର, ବିଭିନ୍ନ ପଶୁଙ୍କ ଶବ୍ଦ ଅନୁକରଣ, ନିଜର ସମ୍ପୂର୍ଣ୍ଣ ପରିଚୟ ଦେବା ଓ ଜାତୀୟ ସଙ୍ଗୀତ ଗାନ ଭଳି କାର୍ଯ୍ୟକଳାପ ପ୍ରଦର୍ଶନ କରି ସେ ଏହି ସମ୍ମାନ ଅର୍ଜନ କରିଛନ୍ତି । ଆର୍ଯ୍ୟାନାଙ୍କ ଏଭଳି ସଫଳତାରେ ବାପା-ମାଆ ବେଶ ଖୁସି ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ଏହିଆ କୁଲ୍ ଅଫ୍ ରେକର୍ଡସ୍ ଓ Guinness World Records ପାଇଁ ମଧ୍ୟ ପ୍ରସ୍ତୁତି ଜାରି ରହିବ ବୋଲି ସେମାନେ କହିଛନ୍ତି । ଭବିଷ୍ୟତରେ ଜଣେ ଡାକ୍ତର ହେବା ତାଙ୍କ ଦୃଢ଼ ଇଚ୍ଛା ବୋଲି ପରିବାର ପକ୍ଷରୁ ଜଣାପଡ଼ିଛି । ଉଲ୍ଲେଖନୀୟ ଯେ, ଆର୍ଯ୍ୟାନାଙ୍କ ବାପା ଜିତୁ ମେହେର ଖରିଆଲ କନବିଭାଗରେ କାର୍ଯ୍ୟରତ ଥିବାବେଳେ ମା ଲିଲି ମେହେର ଗୃହିଣୀ ଅଟନ୍ତି । କୁନି ବୟସରେ ଏଭଳି ସାଧନା ସମଗ୍ର ଅଂଚଳରେ ଗର୍ବର ବିଷୟ ।

ନିମାପଡ଼ାରେ ହେବ ପଥପ୍ରାନ୍ତ ସୁବିଧା କେନ୍ଦ୍ର, ବିଭିନ୍ନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

ନିମାପଡ଼ା, ୧୪/୦୨ (ଆ.ପ୍ର) : ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ାର ତରଣ୍ଡି ଆଠାରେ ପର୍ଯ୍ୟଟନ ବିଭାଗ ତରଫରୁ ନିର୍ମିତ ହେବାକୁ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, '୮ କୋଟି ୯୪ ଲକ୍ଷ ଟଙ୍କାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ନିମାପଡ଼ା ଦେଇ କୋଣାର୍କ ଯିବାଆସିବା କରୁଥିବା ପର୍ଯ୍ୟଟକଙ୍କୁ ବିଶେଷ କରି ମହିଳାମାନଙ୍କୁ ବେଶ ସହାୟକ ହେବ । ଏଠାରେ ଇ-ଚେଇଞ୍ଜିଲ ଚାର୍ଜିଂ ସୁବିଧା, ମାର୍ଟ ଏବଂ ଛୋଟ ଛୋଟ ଦୋକାନ ସହ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ସୁବିଧା ରହିବ । ଭବିଷ୍ୟତରେ ଏହି ସୁବିଧା କେନ୍ଦ୍ର ନିକଟରେ ଏକ ଗେଟ୍ ମଧ୍ୟ ନିର୍ମାଣ କରାଯିବ । ଏହି ଭିତିପ୍ରସ୍ତର ସ୍ଥାପନ ନିମାପଡ଼ା ବିକାଶର ଭିତିପ୍ରସ୍ତର ହେବ ।' ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବିଜାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଅଧିକାରୀଗଣ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଉପସ୍ଥିତ ଥିଲେ । ଏହାପରେ ସେ ମିଚେଲପୁର ଗ୍ରାମପଂଚାୟତ ଅନ୍ତର୍ଗତ ରଙ୍ଗମଠଠାରେ ୩୧.୨୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଭିତି ପ୍ରସ୍ତର ସ୍ଥାପନ କରାଯାଇଲେ । ରଙ୍ଗମଠ ମାଇନର ଜେନାଲ ଡାଇଣ ପାର୍ଶ୍ୱ ରାସ୍ତାର ଉନ୍ନତି ପାଇଁ ୧୨.୭୨ ଲକ୍ଷ ଟଙ୍କା, ସାତପୁରି ସବ୍ ମାଇନର ଜେନା

ଦୈନିକ
ଆରମ୍ଭ
SEITHO ARAMBHA
ରବିବାର, ୧୫ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ଜବରଦସ୍ତ କ୍ରେଜ୍, ୪୦ ଲକ୍ଷ ଛୁଇଁଲା ବିଜ୍ଞାପନ ଦର

ନୂଆଦିଲ୍ଲୀ, ୧୪/୨(ନ୍ୟୁ.ଏ): ଟି-୨୦ ବିଶ୍ୱକପ୍‌ରେ ରବିବାର ଖେଳାଯିବ ମହାମୁକାବିଲା । ମୁହାଁମୁହିଁ ହେବେ ଦୁଇ ପରମ୍ପରାଗତ ପ୍ରତିଦ୍ୱନ୍ଦ୍ୱୀ ଭାରତ-ପାକିସ୍ତାନ । ଏହି ହାଇଭୋଲଟେଜ୍ ମ୍ୟାଚ୍‌କୁ ନେଇ ସମସ୍ତେ ବେଶ୍ ଉତ୍ସାହିତ ଅଛନ୍ତି । ଭାରତ-ପାକିସ୍ତାନ ମୁକାବିଲା ପୂର୍ବରୁ ବିଜ୍ଞାପନ ବଜାରରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିଛି । ମ୍ୟାଚର ବିପୁଳ ଦର୍ଶକଙ୍କ ସଂଖ୍ୟାକୁ ପୁଞ୍ଜି କରିବା ପାଇଁ କମ୍ପାନୀଗୁଡ଼ିକ ବିଜ୍ଞାପନ ସ୍ଲଟ୍‌ରେ ଅତ୍ୟଧିକ ଖର୍ଚ୍ଚ କରୁଛନ୍ତି । ସେହିପରି ମ୍ୟାଚ୍ ଦେଖିବା ପାଇଁ ପ୍ରଶଂସକଙ୍କ ଭିଡ଼ ପାଇଁ ବିମାନ ଟିକେଟ୍ ଓ ହୋଟେଲ ମୂଲ୍ୟରେ ମଧ୍ୟ ତୀବ୍ର ବୃଦ୍ଧି ଦେଖିବାକୁ ମିଳୁଛି । ଶିଳ୍ପ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ହାଇଭୋଲଟେଜ୍ ମ୍ୟାଚ୍ ପାଇଁ ୧୦-ସେକେଣ୍ଡର ଟିଭି ବିଜ୍ଞାପନ ସ୍ଲଟ୍ ଏବେ ପ୍ରାୟ ୩୦-୪୦ ଲକ୍ଷ ଟଙ୍କାରେ ପହଞ୍ଚିଛି । ଯାହା ସାଧାରଣତଃ ଗୁରୁତ୍ୱପୂର୍ଣ୍ଣ ବିଶ୍ୱକପ୍ ମ୍ୟାଚ୍‌ରେ ୨୦-୨୫ ଲକ୍ଷ ଟଙ୍କା ରହିଥାଏ । ଶେଷ ମୁହୂର୍ତ୍ତର ବିଜ୍ଞାପନ ସ୍ଲଟ୍ ମୂଲ୍ୟ ୨୦ ରୁ ୨୫ ପ୍ରତିଶତ ବୃଦ୍ଧି ପାଇଛି ଏବଂ ମ୍ୟାଚ୍ ସମୟରେ ପ୍ରତ୍ୟେକ ସେକେଣ୍ଡ ସ୍ଲଟ୍ ବିକ୍ରି

ହୋଇଯିବ । ବ୍ରଡକାଷ୍ଟର ଜିଓଷ୍ଟାର ଏହି ସମଗ୍ର ବୁର୍ଣ୍ଣାମେଣ୍ଟରୁ ପ୍ରାୟ ୨ ହଜାର କୋଟି ବିଜ୍ଞାପନ ରାଜସ୍ୱ ଆକଳନ କରିଛି । ଡିଜିଟାଲ୍ ଷ୍ଟ୍ରିମିଂ ପ୍ଲାଟଫର୍ମ JioHotstarରେ ମଧ୍ୟ ବିଜ୍ଞାପନ ହାରରେ ଏକ ଭଲ୍‌ଲ୍ୟୁମେନାଲ ବୃଦ୍ଧି ଦେଖିବାକୁ ମିଳିଛି । ଏଠାରେ ୧୦-ସେକେଣ୍ଡ ବିଜ୍ଞାପନ ସ୍ଲଟ୍ ୧୫-୨୦ ଲକ୍ଷରେ ପହଞ୍ଚିଛି । ଅଟୋମୋବାଇଲ୍, ଗାଡୱାଏ, ଫାଇନାନ୍ସ୍, ବୀମା ଏବଂ ଗିଅଲ୍ ଲାଇଫ୍ କମ୍ପାନୀଗୁଡ଼ିକ ବିଜ୍ଞାପନ ସ୍ଲଟ୍ ପାଇଁ ଅଧିକ ଆଗ୍ରହ ଦେଖାଇଛନ୍ତି । ଏହି ୫୨୦ ବିଶ୍ୱକପରେ ବିଜ୍ଞାପନ ଦେଉଥିବା କମ୍ପାନୀଗୁଡ଼ିକ ମଧ୍ୟରେ Emirates, Amul, OpenAI, Hyundai, Mahindra & Mahindra, Britannia, ଏବଂ ଅନେକ ପ୍ରମୁଖ ବ୍ରାଣ୍ଡ ରହିଛନ୍ତି । ମାର୍କେଟିଂ ବିଶେଷଜ୍ଞମାନେ କହିଛନ୍ତି ଯେ ଭାରତ-ପାକିସ୍ତାନ ମ୍ୟାଚ୍ ପାଇଁ ବିଜ୍ଞାପନ ହାର ସୁନା ଏବଂ ରୂପାର ମୂଲ୍ୟ ସହିତ ତୁଳନା କରାଯାଉଛି । ସେହିପରି ଭାରତରୁ କଲମ୍ବୋ ଯାତ୍ରା କରୁଥିବା କ୍ରିକେଟ୍ ପ୍ରଶଂସକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଟ୍ରାଭେଲ୍ ପ୍ଲାଟଫର୍ମ EaseMyTrip ଅନୁସାରେ, ଗାଲଓ-ଟ୍ରିପ୍ ବିମାନ ଭଡ଼ା ସାଧାରଣ ଅପେକ୍ଷା ୪୫ ରୁ ୫୦ ପ୍ରତିଶତ ମହଙ୍ଗା ହୋଇଯାଇଛି । ଗବନରଗଛଭବସ୍ତୁ ରିପୋର୍ଟ କରିଛି ଯେ ଫେବୃଆରୀ ୧୫ ସପ୍ତାହନ୍ତ ପାଇଁ କଲମ୍ବୋ ବୁଙ୍କିଂ ଗତ ତିନି ଦିନରେ ଦ୍ୱିଗୁଣିତ ହୋଇଛି । Cleartrip ଅନୁସାରେ, ଭାରତ-ପାକିସ୍ତାନ ମ୍ୟାଚ୍ ଯୋଗୁଁ କଲମ୍ବୋ ପାଇଁ ବୁକିଂ ପ୍ରାୟ ୬୫ ପ୍ରତିଶତ ବୃଦ୍ଧି ପାଇଛି । ପ୍ରଶଂସକମାନେ, ବିଶେଷକରି ପ୍ରମୁଖ ଭାରତୀୟ ସହରଗୁଡ଼ିକରୁ, ଦ୍ରୁତ ଗତିରେ ଟିକେଟ ବୁକିଂ କରୁଛନ୍ତି । କଲମ୍ବୋରେ ହୋଟେଲ ସନ୍ଧାନ ଏବଂ ବୁକିଂରେ ମଧ୍ୟ ଏକ ଭଲ୍‌ଲ୍ୟୁମେନାଲ ବୃଦ୍ଧି ଘଟିଛି । ସହର କେନ୍ଦ୍ରରେ ଅବସ୍ଥିତ ଚାରି ଏବଂ ପାଂଚ ତାରକା ହୋଟେଲଗୁଡ଼ିକର ଚାହିଦା ସର୍ବାଧିକ । ପ୍ରିମିୟମ୍ ହୋଟେଲଗୁଡ଼ିକରେ ରୁମ୍ ସାଧାରଣ ଋତୁ ତୁଳନାରେ ୨୦ ରୁ ୨୫ ପ୍ରତିଶତ ମହଙ୍ଗା ହୋଇଯାଇଛି ।

ପ୍ରମୋଦଙ୍କୁ ଷଷ୍ଠ ବିଶ୍ୱ ଚାମ୍ପିଅନସିପ୍ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୪/୨ (ଆ.ପ୍ର) : ଖେଳରତ୍ନ ତଥା ରାଜ୍ୟର ସର୍ବଶ୍ରେଷ୍ଠ ପାରା ବ୍ୟାଡମିଣ୍ଟନ୍ ତାରକା ପ୍ରମୋଦ ଭାରତ ନିଜ ଜାଜ୍ୱଲ୍ୟମାନ କ୍ରୀଡ଼ା ଜୀବନରେ ସଫଳତାର ଆଉ ଏକ ଫର୍ଦ ଯୋଡ଼ିଛନ୍ତି । ବାହାରିନର ମାନାମାଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ପାରା ବ୍ୟାଡମିଣ୍ଟନ୍ ଚମ୍ପିଅନସିପ୍‌ର ଏସ୍‌ଏଲ୍ ବର୍ଗର ପୁରୁଷ ଏକକରେ ପୁଣି ଥରେ ବିଜେତା ହୋଇଛନ୍ତି ସେ । ଶନିବାରର ପ୍ରତିଷ୍ଠିତ ଫାଇନାଲ୍‌ରେ ପ୍ରମୋଦ ୨୧-୧୨, ୨୧-୧୮ ସେଟ୍‌ରେ ଲଙ୍କାନେସିଆର ମହମ୍ମଦ ଅଲ ଇମାନ୍‌ଙ୍କୁ ପରାସ୍ତ କରି ଏହି ଐତିହାସିକ ସଫଳତା ଲାଭ କରିଛନ୍ତି । ପ୍ରମୋଦଙ୍କର ଏହା ହେଉଛି ମୋଟ ଛପରେ ଷଷ୍ଠ ଏବଂ ଲାଗାତାର ଚତୁର୍ଥ ବିଶ୍ୱ ଚମ୍ପିଅନସିପ୍ ସ୍ୱର୍ଣ୍ଣ । ତା ସହିତ

ସେ ମଧ୍ୟ ଜିବଂବନ୍ତି ଜିନ ଜାନ୍‌ଙ୍କ ୫ ବିଶ୍ୱଚମ୍ପିଅନ୍‌ସିପ୍ ସ୍ୱର୍ଣ୍ଣ ପଦକ ରେକର୍ଡକୁ ଟପି ଯାଇଛନ୍ତି । ପ୍ରମୋଦ ପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨, ୨୦୨୫ରେ ମଧ୍ୟ ବିଶ୍ୱ ପାରା ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଥିଲେ । ଏସ୍‌ଏଲ୍ ୩-ଏସ୍‌ଏଲ୍ ୪ ପୁରୁଷ ଯୁଗଳରେ ସୁକାନ୍ତ କଦମଙ୍କୁ ସାଥୀ କରି ସେ ମଧ୍ୟ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଫଳରେ ଆଉ ଗୋଟିଏ ସ୍ୱର୍ଣ୍ଣ ଜିତିବାର ଆଶାକୁ ମଧ୍ୟ ଜୀବିତ ରଖିଛନ୍ତି । ପ୍ରମୋଦ ଓ ସୁଲାନ୍ତ ଯୋଡ଼ି ଫାଇନାଲ୍‌ରେ କୋରିଆର ଚୋ ଏନ୍ ଓ ଲି' ଏସ୍‌ଏଲ୍ ୨୧-୧୩, ୨୧-୧୫ରେ ପରାସ୍ତ କରିଥିଲେ ।

ଶ୍ରୀଲଙ୍କାରେ ଭାରତୀୟ ଟିମର ଜୋରଦାର ସ୍ୱାଗତ

ନୂଆଦିଲ୍ଲୀ, ୧୪/୨(ନ୍ୟୁ.ଏ): ଟି୨୦ ବିଶ୍ୱକପରେ ଭାରତ- ପାକିସ୍ତାନ ମ୍ୟାଚ ଭଳରେ ସମସ୍ତ କ୍ରିକେଟ ଫ୍ୟାନ୍‌ଙ୍କୁ ନଜର । ଆସନ୍ତାକାଲି ହେବାକୁ ଥିବା ମ୍ୟାଚ୍ ପୂର୍ବାହ୍ନରୁ ଯାଦବ ଆଣ୍ଡ ଟିମ୍ ଶୁଭୁଛରେ ରାଚିରେ କଲମ୍ବୋରେ ପହଞ୍ଚିଛି । ଏୟାରପୋର୍ଟରେ ଟିମ୍ ଇଣ୍ଡିଆର ଜୋରଦାର ସ୍ୱାଗତ ହୋଇଛି । ଶ୍ରୀଲଙ୍କା ଜଳାଳାର ପରମ୍ପରାଗତ ଢାଙ୍କୁ କରିଛନ୍ତି । ଆଜ ଅର୍ଣ୍ଣଦୀପ ସେମାନଙ୍କ ନିକଟରେ ପହଞ୍ଚିବା ପରେ ଜବରଦସ୍ତ ଢାଙ୍କୁ କରିଛନ୍ତି । ଅର୍ଣ୍ଣଦୀପ ସେମାନଙ୍କ ଭଳି ଢ୍ୟାନ୍ସ୍ କରିଛନ୍ତି । ଭାରତୀୟ କ୍ରିକେଟ ଟିମ୍ ଟି୨୦ ବିଶ୍ୱକପରେ ଗ୍ରୁପ୍‌ଟି ମ୍ୟାଚ୍ ଜିତି ପଏଂଟ ତାଲିକାରେ ଶୀର୍ଷରେ ରହିଛନ୍ତି । ପାକିସ୍ତାନ ମଧ୍ୟ ୨ଟି ମ୍ୟାଚ୍ ଜିତିଛି । ପଏଂଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି । ଗ୍ରୁପ୍‌ଟି ଯାକ ଦେଖି ମ୍ୟାଚ୍ ଜିତିବାକୁ ଚାହୁଁଛନ୍ତି । ତେଣୁ ମ୍ୟାଚ ପୂର୍ବରୁ ଭାରତୀୟ ଟିମ୍ କଲମ୍ବୋ ଏୟାରପୋର୍ଟରେ ପହଞ୍ଚିବା ପରେ ଶ୍ରୀଲଙ୍କା କଳାକାର ଢୋଲ ବଜାଇ, ପାରମ୍ପରିକ ଢ୍ୟାନ୍ସ କରି ଟିମକୁ ସ୍ୱାଗତ କରିଥିଲା । ହାର୍ଦ୍ଦିକ ପାଣ୍ଡ୍ୟା ନିଜ ଗର୍ଲଫ୍ରେଣ୍ଡ ସହିତ ନଜର ଆସିଥିବା ବେଳେ ଅର୍ଶଦୀପ ସିଂ କଳାକାରଙ୍କ ସହିତ ଢ୍ୟାନ୍ସ କରୁଥିବାର ନଜର ଆସିଛନ୍ତି । ତେବେ ଭାରତ-ପାକିସ୍ତାନ ମ୍ୟାଚରେ ଅଭିଷେକ ଶର୍ମା ଖେଳିବେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ । ତଥାପି ଆଜି ସନ୍ଧ୍ୟାରେ ଟିମ୍ ଇଣ୍ଡିଆ ଅଭ୍ୟାସ କରିବ । ଅଭିଷେକ ଦୁଇ ଦିନ ହସପିଟାଲରେ ରହିଥିଲେ । ତେଣୁ ତାଙ୍କ ଫିଟନେସକୁ ଦେଖି ଟିମରେ ସ୍ଥାନ ମିଳିବ । ଆସନ୍ତାକାଲି ସନ୍ଧ୍ୟା ୭ଟାରେ ଭାରତ ବନାମ ପାକିସ୍ତାନ ମଧ୍ୟରେ ଟି୨୦ ବିଶ୍ୱକପ ମ୍ୟାଚ କଲମ୍ବୋର ପ୍ରେମଦାସ ଷ୍ଟାଡିୟମରେ ଖେଳାଯିବ ।

ତାରିକ୍ ରହମାନଙ୍କ ଶପଥ ଗ୍ରହଣ ଉତ୍ସବକୁ ମୋଦୀଙ୍କୁ ନିମନ୍ତ୍ରଣ କରିପାରେ ବିଏନ୍‌ପି

ନୂଆଦିଲ୍ଲୀ, ୧୪/୨(ନ୍ୟୁ.ଏ): ପଡ଼ୋଶୀ ଦେଶ ବାଂଲାଦେଶ ସହିତ ଗତ କିଛି ମାସ ହେଲା ଭାରତର କୂଟନୈତିକ ସମ୍ପର୍କ ପ୍ରଭାବିତ ହୋଇଛି । ତେବେ ବାଂଲାଦେଶ ସଂସଦୀୟ ନିର୍ବାଚନରେ ତାରିକ୍ ରହମାନଙ୍କ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି)ର ବିଜୟ ପରେ ଦୁଇ ଦେଶ ସମ୍ପର୍କରେ ବ୍ୟାପକ ପରିବର୍ତ୍ତନ ହେବା ନେଇ ଆଶା ପ୍ରକାଶ ପାଇଛି । ବିଏନ୍‌ପି ତାରିକ ରହମାନଙ୍କ ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି । ବିଶ୍ୱକୁ ଦେଶ ସହିତ କୂଟନୈତିକ ସମ୍ପର୍କ ବୃଦ୍ଧି କରିବାକୁ ବିଏନ୍‌ପି ସମସ୍ତ ପ୍ରମୁଖ ଦେଶର ଶାସନ ମୁଖ୍ୟଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା ରଖିଛି । ସୂତ୍ର ଅନୁସାରେ, ରହମାନଙ୍କ ଶପଥ ଗ୍ରହଣ ଉତ୍ସବରେ ଅଂଚଳିକ ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରାଯିବ, ଏଥିରେ ପ୍ରଧାନମନ୍ତ୍ରୀ ମୋଦୀ ଜଣେ ପ୍ରମୁଖ ଅତିଥି ରହିଯାଉଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ତାରିକ ରହମାନଙ୍କ ସହ କଥା ହୋଇଥିବା ନେଇ ସୂଚନା ସାର୍ବଜନୀନ କରିବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପୁଣି ଥରେ ସୁଦୃଢ଼ ହେବା ନେଇ ଆଶା ରହିଛି । ମୋଦୀ 'ଏକ୍ସ'ରେ ଏକ ପୋଷ୍ଟ କରି ସେ ତାରିକ୍ ରହମାନଙ୍କ ସହିତ କଥା ହେବା ସହିତ ତାଙ୍କର ଚମତ୍କାର ବିଜୟ ପାଇଁ ଅଭିନନ୍ଦନ ଜଣାଇଥିବା ସୂଚନା ଦେଇଥିଲେ ।

ବିଚାରପତିଙ୍କୁ ଲାଂଚ ମାମଲାର ଭିଜିଲାନ୍ସ ତଦନ୍ତ ପାଇଁ ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୪/୨(ନ୍ୟୁ.ଏ): ଏକ ଅପରାଧିକ ମାମଲାରେ ନିଜ ସପକ୍ଷରେ ରାୟ ପ୍ରକାଶ କରିବାକୁ ବିଚାରପତିଙ୍କୁ ଲାଂଚ ଦେବାକୁ ଜଣେ ମହିଳାଙ୍କଠାରୁ ଜଣେ ବରିଷ୍ଠ ଓକିଲ ୫୦ ଲକ୍ଷ ଟଙ୍କା ସଂଗ୍ରହ କରୁଥିବା ଅଭିଯୋଗ ଆସିବା ପରେ ମାଡ୍ରାସ ହାଇକୋର୍ଟ ଏହି ମାମଲାକୁ 'ଡା'ର ଭିଜିଲାନ୍ସ ସେଲ'କୁ ପଠାଇ ଦେଇଛନ୍ତି । ମାଡ୍ରାସ ହାଇକୋର୍ଟ ବିଚାରପତି ଏମ୍ ନିର୍ମଳ କୁମାର ଅଲ୍ ଲକ୍ଷିଆ ଲୟର୍ସ ଆସୋସିଏସନ୍ ଫର୍ ଇକ୍ୱିଟି (ଏଆଇଏଲଏଫେ) ଚେନ୍ନାଇର ଲାଂଚ ସମ୍ପର୍କିତ ଅଭିଯୋଗ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟଠାରୁ ପାଇବା ପରେ ଏହି ମାମଲାର ଶୁଣାଣି କରିବାକୁ ମନା କରିଦେଇଛନ୍ତି । କୋର୍ଟ ସିବିଆଇ ଦ୍ୱାରା ପଞ୍ଜିକୃତ ମାମଲାରେ ଏକ ଫୌଜଦାରୀ ସଂଶୋଧନ ଏବଂ ସଂଲଗ୍ନ ଗଳ ଆବେଦନର ଶୁଣାଣି କରୁଥିଲେ । କୋର୍ଟ ଲୟର୍ସ ଆସୋସିଏସନ୍ ଅଭିଯୋଗର ଦାବି ଦେଇ ମାମଲାର ଶୁଣାଣି କରିବାକୁ ମନା କରିଦେଇଥିଲେ । କୋର୍ଟ ମାମଲାକୁ ଏକ ଜନପ୍ରିୟ ଖଣ୍ଡପୀଠ ସମ୍ମୁଖରେ ରଖାଯିବା ପାଇଁ ମୁଖ୍ୟ ବିଚାରପତିଙ୍କ ନିକଟରେ ମାମଲାକୁ ରଖାଯାଇ ଏବଂ ଏ ସମ୍ପର୍କରେ ତଦନ୍ତ କରିବାକୁ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭିଜିଲାନ୍ସ ସେଲକୁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରାଯାଉ ବୋଲି କହିଥିଲେ । କୋର୍ଟ ସିବିଆଇର ସ୍ୱତନ୍ତ୍ର ସରକାରୀ ଓକିଲ କେ ଶ୍ରୀନିବାସନ ଏବଂ ଆଶ୍ରା ଗୋପାଳାଥଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଓକିଲ ଏମ୍ ମୁରଲୀ କୃଷ୍ଣାରନଙ୍କ ସହ ମଧ୍ୟ ଏହି ସୂଚନାକୁ ସେୟାର କରିଥିଲେ । ଅନ୍ୟପକ୍ଷରେ ମୁରଲୀ କୃଷ୍ଣାରନ୍ ଅଭିଯୋଗକୁ ମିଥ୍ୟା କହିବା ସହିତ ସେ ଯେକୌଣସି ପ୍ରକାରର ତଦନ୍ତର ସହଯୋଗ କରିବେ ବୋଲି କହିଥିଲେ । ସ୍ୱତନ୍ତ୍ର ସରକାରୀ ଓକିଲ କେ ଶ୍ରୀନିବାସନ କହିଛନ୍ତି, କୋର୍ଟ ଏପରି ପ୍ରସ୍ତାବକୁ ଗ୍ରହଣ କରିବା କଥା ନୁହେଁ, ଏହାଦ୍ୱାରା କୋର୍ଟର ସମ୍ମାନ ହାନି ହେଉଛି । ଏପରି ମିଥ୍ୟା ଅଭିଯୋଗ ଆଣିଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ ।

ସଡ଼କ ଦୁର୍ଘଟଣାରେ ୩ ସିଆରପିଏଫ୍ ଯବାନ ସହିତ

ରାୟପୁର, ୧୪/୨(କ୍ୟୁ.ଏ): ଛତିଶଗଡ଼ର ଧମତାରୀ ଜିଲ୍ଲାର ଖାପ୍ରୀ ବାଜାର୍ ନିକଟରେ ଗତିକାଲିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଟ୍ରକ୍ ଓ ଏକ କାର ମୁହାଁମୁହିଁ ଧକ୍କା ହେବା ଫଳରେ ତିନି ଜଣ ସିଆରପିଏଫ୍ ଯବାନ ଓ ଜଣେ ଡ୍ରାଇଭର ସମେତ ଚାରି ଜଣଙ୍କର ମୃତ୍ୟୁ ହୋଇଛି । ସୂତ୍ରନା ଅନୁସାରେ, ଦୁର୍ଘଟଣାର ଖବର ମିଳିବା ମାତ୍ରେ ବରଦାନ ପରମାର୍ଥ ଆମ୍ବୁଲାନ୍ସ ସେବାର ଟିଛି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେମାନେ କ୍ଷତିଗ୍ରସ୍ତ ଗାଡ଼ିରେ ଫସି ରହିଥିବା ମୃତଦେହଗୁଡ଼ିକୁ ବାହାର କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ହସ୍ପିଟାଲକୁ ପଠାଇଥିଲେ । ଗୁରୁତର ଆହତ ଥିବା ଲୋକଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍ ନେଇଯାଇଥିଲେ । ଜିଲ୍ଲା ପୋଲିସ ଅଧିକ୍ଷକ ଦେବେଶ୍ୱର ଅନୁଯାୟୀ, ଧକ୍କାର ପ୍ରଭାବ ଏତେ ତୀବ୍ର ଥିଲା ଯେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା, ଗାଡ଼ିଖାନା ନେବା ବାଟରେ ଅନ୍ୟ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା । ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ପ୍ରଶାସନ ଏହି ଘଟଣାର ତଦନ୍ତ କରୁଛି ଏବଂ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଛି । ପୁଲିସର ସୂତ୍ରନା ଅନୁସାରେ, ଜଗଦଲପୁର ଗାଡ଼ାଲିୟନର ଏକ ଜିପ୍‌ଯାର ଜାର ଖାପ୍ରୀ ବାଜାରରେ ଏକ ଟ୍ରକ ସହିତ ଧକ୍କା ହୋଇଥିଲା । ଧକ୍କା ଏତେ ଜୋରରେ ଥିଲା ଯେ କାରଟି ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା ।

ବର୍ଡରରେ ଗର୍ଜିଲେ ସୁଖୋଇ-ରାଫେଲ-ବାହୁବଳୀ ସି-୧୩୦

ନୂଆଦିଲ୍ଲୀ, ୧୪/୨(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମ ଗସ୍ତ କରିଛନ୍ତି । ଏହା ବ୍ୟତୀତ ଚୀନ ସୀମା ଆସାମ ବିଦ୍ୟୁତଗରେ ତିଆରି ହୋଇଥିବା ଏମରଜେନ୍ସି ଲ୍ୟାଣ୍ଡିଂ ଫାସିଲିଟି (ଇଏଲଏଫ)ର ଓଦ୍ଘାଟନ କରିଛନ୍ତି । ଏହାପରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ତାଙ୍କୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ତିନିଦିନିଆ ଆସାମ ଗସ୍ତରେ ମୋରଗ ବାଜାସରେ ଏମରଜେନ୍ସି ଲ୍ୟାଣ୍ଡିଂ ଫାସିଲିଟି ସମେତ ବିଭିନ୍ନ ଯୋଜନାର ଉଦଘାଟନ ହେବା । ଚୀନ ବର୍ଡରେ ଗର୍ଜିଛନ୍ତି ସୁଖୋଇ, ରାଫେଲ ସହ ବାହୁବଳୀ ସି-୧୩୦ । ହାଇୱେରେ ଉଡାଇ ଭରିଛି ଭାରତୀୟ ଯୁଦ୍ଧବିମାନ । ଆସାମ ବିଦ୍ୟୁତଗ୍ରିଡ ଇଏଲଏଫରେ ଜଳଛାଡ଼ି ଦେଖାଇଛି ଫାଇଟର କେଟ୍ । ଏହି ପରାକ୍ରମ ଦେଖିଛନ୍ତି ପ୍ରଧାନମନ୍ତ୍ରୀ । ଏହା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁତ୍ର ନଦୀ ପାର ହୋଇ ଗୌହାଟୀ ଏବଂ ଉତର ଗୌହାଟୀକୁ ସଂଯୋଗ କରୁଥିବା ବ୍ରୁମାର ଭାଷର ବର୍ମା ସେତୁର ଉଦଘାଟନ କରିଛନ୍ତି । ତୀନକୁ ଜଡ଼ା ସନ୍ଦେଶ- ଗତ

୩ ମାସରେ ପ୍ରଧାନମନ୍ତ୍ରୀ ମୋଦିଙ୍କର ଏହି ଦ୍ରୁତୀୟ ଆସାମ ଗସ୍ତ । ରାଜ୍ୟରେ କିଛି ମାସରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ମୋରଗ ବାଜାସରେ ଫାଇଟର ଏବଂ ଟ୍ରାନ୍ସପୋର୍ଟ ବିମାନ ସହ ଦେଶିକପୁର ଏୟାର ଶୋ ପ୍ରଦର୍ଶିତ ହୋଇଛି । ପୂର୍ବୋତ୍ତରର କୌଶଳି ରାଜ୍ୟରେ ଏମରଜେନ୍ସି ଲ୍ୟାଣ୍ଡିଂ ଫାସିଲିଟିର ପ୍ରଥମ ସୁବିଧା ହୋଇଛି । ଏଥିରେ ସେନା ଏବଂ ଯାତ୍ରୀ ବିମାନ ଟେକଅପ ଏବଂ ଲ୍ୟାଣ୍ଡିଂ ସୁବିଧା ମିଳିବ । ଏହାକୁ ଚୀନ ପାଇଁ ଜଡ଼ା ସନ୍ଦେଶ ଭାବେ ବିବେଚନା କରାଯାଉଛି । ଏହି ସୁବିଧାକୁ ଇଣ୍ଡିଆନ ଏୟାରଲାଇନ୍ସ ସହ ମିଶି ପ୍ରସ୍ତୁତ କରାଯାଇଛି । ଏହାର ଉଦ୍ଦେଶ୍ୟ ଏମରଜେନ୍ସି ରେସପନ୍ସକୁ ମଜବୁତ କରିବ । ପ୍ରାକୃତିକ ବିପର୍ଯ୍ୟୟ ହେଉ ବା ପଡୋଶୀ ସହ ଉତେଜନା ସ୍ଥିତି ଏହାର ଉପଯୋଗ ରଣନୀତି ଆଧାରରେ ପ୍ରସ୍ତୁତ ହେବ । ଏହି ଫାସିଲିଟି ୪୦ ଟନ ଯୁଦ୍ଧବିମାନ ଏବଂ ୭୪ ଟନ୍ ଯାଏ ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ ଲ୍ୟାଣ୍ଡିଂ ଏବଂ ଟେକଅପ ପାଇଁ ତିଆରି ହୋଇଛି । ବିଦ୍ୟୁତଗ୍ରିଡ ଏମରଜେନ୍ସି ଲ୍ୟାଣ୍ଡିଂ ଫାସିଲିଟି ପୂର୍ବୋତ୍ତର ରାଜ୍ୟରେ ପ୍ରଥମ ସୁବିଧା । ଉତ୍ତରପ୍ରଦେଶର ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ୱ ଏବଂ ପୂର୍ବାଞ୍ଚଳ ଏକ୍ସପ୍ରେସ୍ୱରେ ଏହି ସୁବିଧା ଉପଲବ୍ଧ ଅଛି । ଏହା ବ୍ୟତୀତ ଓଡ଼ିଶାର କାଲେଶ୍ୱର ଏବଂ ଆନ୍ଧ୍ରପ୍ରଦେଶର କେଲୋରେରେ ଏହି ଫାସିଲିଟି ରହିଛି । ବିଦ୍ୟୁତଗ୍ରିଡ ତିଆରି ହୋଇଥିବା ଇଏଲଏଫ ବିଶେଷ ଗୁରୁତ୍ୱପୂର୍ଣ୍ଣ କାରଣ ଚୀନ ସୀମା ନିକଟରେ ଅବସ୍ଥିତ । ଏହା ସହିତ ପ୍ରଧାନମନ୍ତ୍ରୀ ୩୦୦୦ କୋଟିର କୁମାର ଭାଷର ବର୍ମା ସେତୁର ଉଦଘାଟନ କରିଛନ୍ତି । ଯାହା ଗୌହାଟୀକୁ ଉତର ଗୌହାଟୀ ସହ ସଂଯୋଗ କରିବ, ଆଂଚଳିକ ବିକାଶକୁ ବୃଦ୍